## ବାଣ ବିକ୍ରିବେଳେ ପଲିଥିନ ବ୍ୟବହାର

ଜୟପୁର,୬।୧୧(ଡି.ଏନ୍.ଏ.)- ଜୟପୁର ଦଶହରା ପଡିଆରେ ଗତ ସୋମବାରରୁ ଅସ୍ଥାୟୀ ଭାବେ ବାଣ ଦୋକାନ ଖୋଲାଯାଇ ବିକ୍ରି ଚାଲିଛି। କିନ୍ତୁ ଏଥିରେ ବାଣ ଦୋକାନୀମାନେ ଖୋଲାଖୋଲି ପଲିଥିନ ବ୍ୟାଗ ଗ୍ରାହକଙ୍କୁ ଦେଉଛନ୍ତି। ଏ ଦିଗରେ ପ୍ରଶାସନ ନୀରବଦ୍ରଷ୍ଟା ସାଜିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ରାଜ୍ୟରେ ଗତ ଅକ୍ଟୋବର ୨ ଗାନ୍ଧି ଜୟନ୍ତୀରୁ ପଲିଥିନ ଉପରେ କଟକଣା ଘୋଷଣା କରାଯାଇଥିଲା । ଏବେ ଏହିପରି ପଲିଥିନ ଗ୍ରାହକଙ୍କୁ ଦେଉଥିବା ସଂପୃକ୍ତ ବ୍ୟବସାୟୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଆଇନଜୀବୀ ଅନୁପ ପାତ୍ର ଦାବି କରିଛନ୍ତି।

## ମହିଳାଙ୍କ ପରଲୋକ

ସେମିଳିଗୁଡା, ୬।୧୧ (ଡି.ଏନ.ଏ.)- ସେମିଳିଗୁଡା ମହାବିଦ୍ୟାଳୟର ଇତିହାସ ବିଭାଗ ମୁଖ୍ୟ ଡ. ରମାରଞ୍ଜନ ପଟ୍ଟନାୟକଙ୍କ ମାଆ ତଥା ସ୍ୱର୍ଗତ ଅନ୍ତର୍ଯ୍ୟାମୀ ପଟ୍ଟନାୟକଙ୍କ ସ୍ତ୍ରୀ ମାୟାବିନୀ ପଟ୍ଟନାୟକ(୮୦)ଙ୍କ ରବିବାର ଏଠାରେ ପରଲୋକ ହୋଇଯାଇଛି। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ହୋଇ କୋରାପୁଟର ଶହୀଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟରେ ଚିକିତ୍ସାଧୀନ ଥିଲେ। ଜଣେ ଧର୍ମପ୍ରାଣା, ମେଳାପି ଓ ପରୋପକାରୀ ମହିଳା ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ୫ ପୁଅ, ବୋହୂ, ଦୁଇ ଝିଅ, ଜ୍ୱାଇଁ, ନାତି, ନାତୁଣୀ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ବଡପୁଅ ଭାରତୀୟ ରିଜର୍ଭ ବ୍ୟାଙ୍କର ଅବସରପ୍ରାପ୍ତ ଏଜିଏମ ଅନୁ ରଞ୍ଜନ ପଟ୍ଟନାୟକ ,ଦ୍ୱିତୀୟ ପୁଅ ମନୋରଞ୍ଜନ ପଟ୍ଟନାୟକ, ତୃତୀୟ ପୁଅ ଓଡିଶା ପୋଲିସ ବିଭାଗ ନିରାପତ୍ତା ସଂସ୍ଥାର ଆରକ୍ଷୀ ଅଧୀକ୍ଷକ କାହ୍ନୁରଞ୍ଜନ ପଟ୍ଟନାୟକ, ସାନପୁଅ ପ୍ରିୟରଞ୍ଜନ , ବୋହୂ ଓ ଅନ୍ୟାନ୍ୟ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ସ୍ୱର୍ଗତା ମାୟାବିନୀଙ୍କ ଘର ଗଞ୍ଜାମ ଜିଲା ଭଞ୍ଜନଗର ବ୍ଲକର ଗାମୁଣ୍ଡି ଗ୍ରାମରେ ।

# ଜୋନ୍‌ସ୍ତରରେ ଜମିଲା ପରବ

**ଲକ୍ଷ୍ମୀପୁର,୬।୧୧**

ଗୌଡ଼ଗୁଡ଼ା ପଞ୍ଚାୟତ କାର୍ଯ୍ୟାଳୟ ଖେଳପଡ଼ିଆରେ ଲକ୍ଷ୍ମୀପୁର ବ୍ଲକ ୧ ନଂ ଜୋନ୍‌ସ୍ତରୀୟ ୭ଟି ପଞ୍ଚାୟତରେ ପରବ ଅନୁଷ୍ଠିତ ହୋଇଛି। ପାରମ୍ପରିକ ରୀତିରେ ଗୌଡ଼ଗୁଡ଼ା ଗ୍ରାମଦେବୀ ନିଶାଣୀମୁଣ୍ଡାରେ ଗ୍ରାମ ମୁଖିଆ ଯାନି, ମୁଦୁଲି, ଦିଶାରୀ ଓ ୭ଟି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଜିଲା ପରିଷଦ ସଭ୍ୟ, ପିଇଓ, ଜିଆର୍‌ଏସ୍, ଅତିରିକ୍ତ ଶିକ୍ଷା ଅଧିକାରୀ ଦୈତାରୀ ଦାଶ, ଜିପିଓ ଭି.ଏସ୍. ଶର୍ମାଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା ପରେ ସେଠାରୁ ମଶାଲ ଶୋଭାଯାତ୍ରା ବାହାର କରିଥିଲେ। ପରେ ଏହା ପଞ୍ଚାୟତ କାର୍ଯ୍ୟାଳୟ ଖେଳ ପଡ଼ିଆରେ ପହଞ୍ଚିଥିଲା। ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁବାଇ କୁଲେସିକା 'ପରବ' ଶୁଭାରମ୍ଭ କରିଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ବେଣୁଧର ଶବର, ତହସିଲଦାର ଆଇଜାକ ମେଦିନା, ଅତିରିକ୍ତ ତହସିଲଦାର ରଞ୍ଜନ କୁମାର ମାନସିଂ, ଅତିରିକ୍ତ ବିଡିଓ ପ୍ରସନ୍ନ କୁମାର ଷଡ଼ଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲାପାଳ ଆଲୋକ କୁମାର ଅନୁଗୁଲିଆ ଯୋଗଦେଇ କହିଥିଲେ ଯେ, କୋରାପୁଟ ବାର୍ଷିକ ଉତ୍ସବ ପରବରେ ଆଦିବାସୀ କଳା ସଂସ୍କୃତି ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣି ତାକୁ କିପରି ବିକାଶ କରିବା ଏବଂ କଳା ସଂସ୍କୃତିକୁ ବଞ୍ଚାଇ ରଖିବା 'ପରବ'ର ମୁଖ୍ୟ ଉଦ୍ଦେଶ୍ୟ। ପ୍ରତ୍ୟେକ ବିଦ୍ୟାଳୟର ଛାତ୍ରୀଛାତ୍ର କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେଇଥିବା ବେଳେ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଆଦିବାସୀ ଢେମ୍‌ସା ନୃତ୍ୟ ପରବ ପରିବେଶକୁ ଦ୍ୱିଗୁଣିତ କରିଥିଲା। ପରବ ପଡ଼ିଆରେ ବିଭିନ୍ନ ବିଭାଗର ଷ୍ଟଲ ସବୁ ଲାଗିଥିଲା। କୃତୀ ପ୍ରତିଯୋଗୀଙ୍କୁ ଜିଲା ପରିଷଦ ଅଧ୍ୟକ୍ଷ ପ୍ରଭୁ ଜାନି ପୁରସ୍କୃତ କରିଥିଲେ। ସରପଞ୍ଚ ଉମ୍ବରୁଧର ମୁଦୁଲି ମଞ୍ଚ ପରିଚାଳନା କରିଥିଲେ।

# ପଟ୍ଟାଙ୍ଗିରେ ଉଦ୍‌ଯାପିତ ହେଲା ପରବ

**ପଟ୍ଟାଙ୍ଗି,୬।୧୧(ଡି.ଏନ.ଏ)**

ପଟ୍ଟାଙ୍ଗି ମିନି ଷ୍ଟାଡିୟମରେ ସରପଞ୍ଚ ଭଗବାନ ଖରାଙ୍କ ସଭାପତିତ୍ୱରେ ପଞ୍ଚାୟତ ସ୍ତରୀୟ ପରବ ଉଦ୍‌ଯାପିତ ହୋଇଛି। ସ୍ଥାନୀୟ ଗ୍ରାମଦେବୀ ଗାଙ୍ଗମା'ଙ୍କ ନିକଟରେ ଅତିଥି ଭାବେ ବିଧାୟକ ପ୍ରଫୁଲ୍ଲ ପାଙ୍ଗି ଏବଂ ପଞ୍ଚାୟତ ସମିତି ଅଧ୍ୟକ୍ଷ ଜଗତଜ୍ୟୋତି ପାଙ୍ଗି ପୂଜାର୍ଚ୍ଚନା କରିବା ପରେ ପରବ ମଶାଲ ଧରି ବାହାରିଥିଲେ। ପାରମ୍ପରିକ ବାଦ୍ୟ ଓ ଢେମସା ନାଚର ତାଳେ ତାଳେ ମିନି ଷ୍ଟାଡିୟମରେ ପହଞ୍ଚିଥିଲା ଶୋଭାଯାତ୍ରା। ସେଠାରେ ନିଶାଣୀମୁଣ୍ଡାରେ ପୁଣି ପୂଜାର୍ଚ୍ଚନା କରି ପରବର ଶୁଭାରମ୍ଭ କରାଯାଇଥିଲା। ପରବ ମଞ୍ଚରେ ମାଳିପୁଟ, ନୂଆଗାଁ, କୋଟିଆ ଓ ଗାଙ୍ଗରାଜପୁର ପଞ୍ଚାୟତରୁ ଆସିଥିବା କୁନି କୁନି କଳାକାର ଆଞ୍ଚଳିକ ଓ ପାରମ୍ପରିକ ଢେମସା, କାଠି ନାଚ ସହ ବିଭିନ୍ନ ଲୋକ ନୃତ୍ୟ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ। ଏଥି ସହ ଖୋଖୋ, କବାଡି, ଦୌଡ଼ ପ୍ରମୁଖ ପ୍ରତିଯୋଗିତା ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଖୁରାଖୋଲା ଗ୍ରାମର ଶିଶୁ କଳାକାରଙ୍କ କାଠି ନାଚକୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଡିଓ କରୁଣାକର ପ୍ରଧାନ, ପୂର୍ବତନ ବିଧାୟିକା ଚନ୍ଦ୍ରମା ସାନ୍ତା, ସେମିଳିଗୁଡା ବ୍ଲକ ସମିତି ସଭ୍ୟ ଅନନ୍ତରାମ ମାଟାମ, ସ୍ଥାନୀୟ ଜିଲା ପରିଷଦ ସଭ୍ୟ ଡୁମୁରି ଖିଲ, ସାଧୁ ଗୁଣ୍ଡା, ପ୍ରତାପ ଚୌଧୁରୀଙ୍କ ସମେତ ମାଳିପୁଟ ସରପଞ୍ଚ ଜୟନ୍ତୀ ଚପାଡି, କୋଟିଆର ବିଶ୍ୱନାଥ ଖିଲ, ନୂଆଗାଁ ଲାକି ଗେମେଲ ଓ ଗାଙ୍ଗରାଜପୁରର ବଲୁ ପାଙ୍ଗି ପ୍ରମୁଖ ସରପଞ୍ଚ ଉପସ୍ଥିତ ଥିଲେ। ଶିକ୍ଷକ ଅଶୋକ କୁମାର ଚୌଧୁରୀ ଓ ସୁକୁମାର ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।


ଗୌଡ଼ଗୁଡ଼ାଠାରେ ଜୋନ୍‌ସ୍ତରୀୟ 'ପରବ'ରେ ଆଦିବାସୀ ନୃତ୍ୟ।


ଲକ୍ଷ୍ମୀପୁର 'ପରବ' ସଭାରେ ମଞ୍ଚାସୀନ ଅତିଥିମାନେ।


ପଟ୍ଟାଙ୍ଗି ପଞ୍ଚାୟତସ୍ତରୀୟ 'ପରବ'ରେ ଅତିଥିମାନେ ମଶାଲ ନେଉଛନ୍ତି।

# ଅଟୋ ଓଲଟି ଜଣେ ମୃତ, ୪ ଗୁରୁତର

**ଦଶମନ୍ତପୁର, ୬।୧୧(ଡି.ଏନ୍.ଏ.):**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ପୋଡ଼ାଗଡ଼ ପଞ୍ଚାୟତ କନ୍ୟା ଆଶ୍ରମ ନିକଟ ପୋଲ ପାଖରେ ଏକ ଅଟୋ ଓଲଟି ଜଣେ ପ୍ରାଣ ହରାଇଥିବା ବେଳେ ୪ଜଣ ଗୁରୁତର ହୋଇଛନ୍ତି। ମୃତକ ଜଣଙ୍କ ହେଲେ ଲକ୍ଷ୍ମୀପୁର ବ୍ଲକ ପଞ୍ଚଡା ପଞ୍ଚାୟତ ଆମ୍ବିଲିଆମ୍ବ ଗ୍ରାମର ନନ୍ଦୁ ମୁଦୁଲି (୪୦)। ପ୍ରକାଶ ଯେ, ନନ୍ଦୁ ମୁଦୁଲି ଉକ୍ତ ଗ୍ରାମର କିଛି ଲୋକଙ୍କ ସହ ଅଟୋରେ କୋରାପୁଟ ବ୍ଲକ ଭେଣ୍ଡାଗୁଡା ଗ୍ରାମକୁ ଦଶାହ କାମରେ ଯାଇଥିଲେ। ସେଠାରୁ କାମ ସାରି ଅଟୋରେ ଫେରିବା ବେଳେ ଚାଳକଙ୍କ ବେପରୁଆ ଚାଳନା ଯୋଗୁ ତାହା ଓଲଟି ପଡିଥିଲା। ଏଥିରେ ନନ୍ଦୁ ପ୍ରାଣ ହରାଇ ଥିବାବେଳେ ଅନ୍ୟ ୪ଜଣ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଗୁରୁତରଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଛନ୍ତି। ଅଟୋ ଡ୍ରାଇଭର ଫେରାର ଅଛନ୍ତି।

## ତାର ଚୋରି ମାମଲାରେ ବ୍ୟବସାୟୀ ଗିରଫ

ଜୟପୁର,୬।୧୧(ଡି.ଏନ୍.ଏ./ନି.ପ୍ର.): ୪ ବଣ୍ଡଲ ତମ୍ବା ତାର ଚୋରି ଅଭିଯୋଗରେ ଗତ ରବିବାର ଜୟପୁର ସଦର ଥାନା ପୋଲିସ ୪ ଜଣଙ୍କୁ ଗିରଫ କରିଥିବା ବେଳେ ଚୋରି ସାମଗ୍ରୀ କିଣିଥିବା ଜଣେ ବ୍ୟବସାୟୀ ମଙ୍ଗଳବାର ଗିରଫ ପରେ କୋର୍ଟ ଚାଲାଣ ହୋଇଛନ୍ତି। ଅଭିଯୁକ୍ତ ବ୍ୟବସାୟୀ ହେଲେ ଜୟପୁର ସହରର ପ୍ରସାଦ ରାଓପେଟା ୨ୟ ଲାଇନର ବାସୁଦେବ ନାୟକ (୪୨) । ଏହି ମାମଲାରେ ୮ଜଣଙ୍କୁ ପୋଲିସ ଚିହ୍ନଟ କରିଥିବା ବେଳେ ସେମାନେ ଫେରାର ରହିଛନ୍ତି । ପୋଲିସ ଅଭିଯୁକ୍ତ ବ୍ୟବସାୟୀଙ୍କ ନିକଟରୁ ୩୨ କିଲୋଗ୍ରାମ ଚୋରି ତମ୍ବାତାର ଜବତ କରିଛି । ସେହିପରି ୧୧ଟି ବସ୍ତାରେ ଲୁହା ଏବଂ ଆଲୁମିନିୟମରେ ନିର୍ମିତ ବିଦ୍ୟୁତ ସାମଗ୍ରୀ ଏବଂ ଚୋରି ସାମଗ୍ରୀକୁ ପରିବହନ କରାଯାଇଥିବା ଟାଟା ଏସ ଗାଡି (ଓଡି୧୦ଏ୧୯୫୫)କୁ ପୋଲିସ ଜବତ କରିଥିବା ଥାନା ଅଧିକାରୀ କୈଳାସ ଚନ୍ଦ୍ର ସେଠୀ କହିଛନ୍ତି।

# ଭିନ୍ନକ୍ଷମ ଯୁବତୀଙ୍କୁ ବଳାତ୍କାର, ଥାନାରେ ମାମଲା

**କୋରାପୁଟ/ନାରାୟଣପାଟଣା, ୬।୧୧(ସ୍ୱ.ପ୍ର./ଡି.ଏନ୍.ଏ.)**

କୋରାପୁଟ ଜିଲା ବନ୍ଧୁଗାଁ ଅଞ୍ଚଳରେ ଜଣେ ଭିନ୍ନକ୍ଷମ ଯୁବତୀଙ୍କୁ ବଳାତ୍କାର କରିବା ନେଇ ସ୍ଥାନୀୟ ଥାନାରେ ମାମଲା ରୁଜୁ ହୋଇଛି। ମଙ୍ଗଳବାର ମଧ୍ୟାହ୍ନରେ ବନ୍ଧୁଗାଁ ଥାନା ବିଞ୍ଜିଖାଲ ଗ୍ରାମର ୨୦ ବର୍ଷୀୟା ଜଣେ ଭିନ୍ନକ୍ଷମ ଯୁବତୀ ଘରେ ଥିବାବେଳେ ସହଦେବ ଖୋସ୍ଲା ନାମକ ଜଣେ ଯୁବକ ତାଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଏନେଇ ପୀଡ଼ିତାଙ୍କ ପରିବାର ବନ୍ଧୁଗାଁ ଥାନାରେ ଏତଲା ଦେବା ପରେ କେସ୍ ନଂ ୧୦୯/୨୦୧୮ରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଥିବା ତଦନ୍ତକାରୀ ଅଧିକାରୀ କେ. ମୁଦୁଲି କହିଛନ୍ତି। ବଳାତ୍କାରୀ ଯୁବକ ଫେରାର ଥିବାବେଳେ ପୀଡ଼ିତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।



ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡ଼ା, ପିଇବାପାଣି, ରାସ୍ତା, ବିଦ୍ୟୁତ୍, କୃଷି କ୍ଷେତ୍ରରେ ରହିଥିବା ସମସ୍ୟା ପ୍ରତି ସର୍ବଦା ଧ୍ୟାନଦେଇ ଆସୁଥିବା ଖବର 'ଧରିତ୍ରୀ'ରେ ପ୍ରକାଶିତ ପାଇଁ ଶୁଭେଚ୍ଛା।
ମମତା ପ୍ରଧାନ
ପ୍ରଧାନ ଶିକ୍ଷୟିତ୍ରୀ,
କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ, ଡାଙ୍ଗସୋରଡ଼ା

ଦୀର୍ଘଦିନ ଧରି ରାୟଗଡାରୁ ପ୍ରକାଶ ପାଉଥିବା 'ଧରିତ୍ରୀ' ସମସ୍ତଙ୍କ ପ୍ରିୟପାତ୍ର ହୋଇଥିବାରୁ ଶୁଭେଚ୍ଛା।
ରାମଲାଲ ସାମାଡ଼
ସହକାରୀ କୃଷି ଅଧିକାରୀ, ଚନ୍ଦ୍ରପୁର



'ଧରିତ୍ରୀ'ର ଜନ୍ମଦିନ ଅବସରରେ ଚନ୍ଦ୍ରପୁର ବ୍ଲକବାସୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା।
ମୁନା ନାୟକ
କନିଷ୍ଠ ଯନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ ବିଭାଗ, ଚନ୍ଦ୍ରପୁର

'ଧରିତ୍ରୀ'ର ନବମ ବର୍ଷ ପାଳନ ଅବସରରେ 'ଧରିତ୍ରୀ' ସମସ୍ତଙ୍କ ପ୍ରିୟପାତ୍ର ହୋଇଥିବାରୁ ମୁଁ ଶୁଭେଚ୍ଛା ଜଣାଉଛି।
ଚକ୍ରପାଣି ରତ୍ନାଲୁ
ପ୍ରଧାନ ଶିକ୍ଷକ, ସରକାରୀ ଉଚ୍ଚ ବିଦ୍ୟାଳୟ
ଗ୍ରାମ ମଙ୍ଗଳ ବିଭାଗ, ଚନ୍ଦ୍ରପୁର


ସମ୍ପାଦକୀୟ, ଗାଁ କଥା, ଶିକ୍ଷା, ସ୍ୱାସ୍ଥ୍ୟ, ମନୋରଞ୍ଜନ, କୃଷି, ଘଟଣା, ଦୁର୍ଘଟଣା ଆଦି କ୍ଷେତ୍ରରେ 'ଧରିତ୍ରୀ' ଆଗୁଆ ଭୂମିକା ନେଇଛି। ରାୟଗଡା ସଂସ୍କରଣର ଜନ୍ମଦିନ ଅବସରରେ ଶୁଭେଚ୍ଛା।
ହରେକୃଷ୍ଣ ବ୍ରହ୍ମା
ସମ୍ପାଦକ, ଚନ୍ଦ୍ରପୁର ବ୍ଲକ ସହକାରୀ ଶିକ୍ଷକ ସଂଘ, ଚନ୍ଦ୍ରପୁର



'ଧରିତ୍ରୀ'ର ଜନ୍ମଦିନ ଅବସରରେ ଅଗଣିତ ପାଠକପାଠିକାଙ୍କୁ ମୋର ଶୁଭେଚ୍ଛା ଓ ଶୁଭକାମନା।
ସୁରେଶ ଚନ୍ଦ୍ର କୌଶଲ୍ୟା
ପ୍ରଧାନ ଶିକ୍ଷକ, ଆଶ୍ରମ ବିଦ୍ୟାଳୟ
ବୁଡୁପାଲି

ଧରିତ୍ରୀ ରାୟଗଡା ସଂସ୍କରଣର ଅଷ୍ଟମ ବାର୍ଷିକ ସ୍ୱନକ୍ଷତ୍ର ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।

ଶ୍ରୀ ଠାକୁର ପ୍ରସାଦ ସିଂ
ଗୋଷ୍ଠୀଶିକ୍ଷା ଅଧିକାରୀ
ଶ୍ରୀ ଆଦିକନ୍ଦ ଗମାଙ୍ଗ
ABEO
ଶ୍ରୀ ଶିବାଜୀ ପହଁର
ABEO, ଗୋଷାଣୀ ବ୍ଲକ

ଧରିତ୍ରୀ ରାୟଗଡା ସଂସ୍କରଣର ଅଷ୍ଟମ ବାର୍ଷିକ ସ୍ୱନକ୍ଷତ୍ର ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
ଭଗବାନ ପ୍ରସାଦ ନାୟକ (ଗାନା)
ସମାଜସେବୀ, ଜଙ୍ଗଲପାଡୁ
ସନ୍ତଷି ନାୟକ (ଡୁଲୁ)
ୱାର୍ଡମେମ୍ବର, ଜଙ୍ଗଲପାଡୁ,
ଗୋଷାଣୀ ବ୍ଲକ


ଧରିତ୍ରୀ ରାୟଗଡା ସଂସ୍କରଣର ଅଷ୍ଟମ ବାର୍ଷିକ ସ୍ୱନକ୍ଷତ୍ର ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
ଶ୍ରୀମତୀ ଗୌରୀ ନାୟକ
ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
ପାରଳାଖେମୁଣ୍ଡି (ଗୋଷାଣୀ ବ୍ଲକ)


ଧରିତ୍ରୀ ରାୟଗଡା ସଂସ୍କରଣର ଅଷ୍ଟମ ବାର୍ଷିକ ସ୍ୱନକ୍ଷତ୍ର ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
ତୃପ୍ତିକାନ୍ତ ସାମନ୍ତରାୟ
J.E ଲିଙ୍ଗିପୁର (R&D)
ପାରଳାଖେମୁଣ୍ଡି





ଧରିତ୍ରୀ ରାୟଗଡା ସଂସ୍କରଣର ଅଷ୍ଟମ ବାର୍ଷିକ ସ୍ୱନକ୍ଷତ୍ର ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
ଉମାଚରଣ ପଣ୍ଡା (ଶିକ୍ଷକ)
ହାଇସ୍କୁଲ ଦେଉଳା, ଗୋଷାଣୀ ବ୍ଲକ୍

ଧରିତ୍ରୀ ଖବରକାଗଜର ରାୟଗଡ଼ା ସଂସ୍କରଣର ୮ମ ସ୍ୱନକ୍ଷତ୍ର ଅବସରରେ ଶୁଭେଚ୍ଛା ଓ ଅଭିନନ୍ଦନ।

RAMA CHANDRA MOHANTY AND SANGITA MOHANTY

ଧରିତ୍ରୀ ରାୟଗଡ଼ା ସଂସ୍କରଣର ୮ମ ବର୍ଷ ପୂର୍ତ୍ତି ଅବସରରେ ସମସ୍ତ ଜନସାଧାରଣ ଏବଂ ବିଷମ କଟକ ଲ୍ୟାମ୍ପସ୍ ଅଧୀନରେ ଥିବା ସମସ୍ତ ଚାଷୀଭାଇମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ।


DAMODAR BRALIKA
President, Lamp,
Bissam Cuttack
SIBA SANKAR SAHU
MD, Lamp
Bissam Cuttack






ଜନ୍ ଡିଅର୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍
ପ୍ଲଟ୍ ନମ୍ବର : 2132/5131 (a), ନାଗେଶ୍ୱର ଟାଙ୍ଗି, ଏକ୍ସିସି ଡାଇରେକ୍ଟରେଟ ନିକଟ, ଭୁବନେଶ୍ୱର ।
ଅଧିକ ଜାଣିବା ସକାଶେ 96570 45609 ନମ୍ବର କୁ ଆଜି ହିଁ ମିସ୍ଡ କଲ୍ ଦିଅନ୍ତୁ।
M/s. Komal Enterprises
Hatapada, Jeypore
Mob : 9437095348

ପ୍ରଗତି କୃଷି ଓ ଲଘୁବନଜାତ ଦ୍ରବ୍ୟ ସମବାୟ ସମିତି ଲିଃ, ବିଷମକଟକ, ରାୟଗଡ଼ା
ନୀଳଗିରି କାଠ, ଆମ୍ବ ଚାରା, କାଜୁଚାରା ଏବଂ ସୌରଶକ୍ତି ଦ୍ୱାରା ପରିଚାଳିତ ବିଭିନ୍ନ ଆବଶ୍ୟକୀୟ ଗୃହ ଉପକରଣ ଇତ୍ୟାଦିର ବିପଣନ ପାଇଁ ଯୋଗାଯୋଗ କରନ୍ତୁ।
ମୋବାଇଲ ନଂ:
୯୪୩୯୭୪୦୬୬୭, ୭୯୭୮୨୮୪୪୫୬


ସୋହନ ପାତ୍ର, ଜନ୍ମଦିନ ଆସନ୍ତା ୧୩।୧୧।୨୦୧୮ରେ
ତୁମର ଜନ୍ମଦିନରେ ଜଗତର ନାଥ ଶ୍ରୀ ଜଗନ୍ନାଥ ତୁମର ଚଲାପଥ କୁସୁମିତ କରନ୍ତୁ। ତୁମର ଦୀର୍ଘଜୀବନ ସହ ଜୀବନର ସୁଖ ସମୃଦ୍ଧି ପ୍ରାର୍ଥନା କରୁଛି।
ପରିବାରବର୍ଗ
ସୋହନ ପାତ୍ର



ନିରପେକ୍ଷ ଖବରକାଗଜ ଧରିତ୍ରୀର ରାୟଗଡ଼ା ସଂସ୍କରଣର ୮ମ ବର୍ଷ ପୂର୍ତ୍ତି ଅବସରରେ ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।

PRUTHIRAJ SAHOO
Member, Odisha Khadi and Village Industries,
Vice-President State Youth-BJD



କ୍ରୋଧ ଯେତେବେଳେ ଆସି ହୃଦୟ ଆସନର ଦ୍ୱାର ଦେଶରେ ଉପସ୍ଥିତ ହୋଇଯାଏ, ବିବେକ ସେତେବେଳେ ଘର ଛାଡ଼ି ପଳାଏ।
-ହେନେରୀ ଫୋର୍ଡ

## ସଂକ୍ଷେପରେ

### ଅନିଶ୍ଚିତତାରେ ଆଦର୍ଶ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ର

ବୈପାରୀଗୁଡ଼ା,୬।୧୧(ଡି.ଏନ୍.ଏ.): ଚଳିତ ବର୍ଷ ବୈପାରୀଗୁଡ଼ା ବ୍ଲକ ଆଦର୍ଶ ବିଦ୍ୟାଳୟରେ ପଢୁଥିବା ପ୍ରଥମ ବ୍ୟାଚ ସିବିଏସ୍‌ଇ ପରିଚାଳିତ ଦଶମ ବୋର୍ଡ଼ ପରୀକ୍ଷା ଦେବାକୁ ଥିବାବେଳେ ପରୀକ୍ଷା କେନ୍ଦ୍ରକୁ ନେଇ ଦ୍ୱନ୍ଦ୍ୱ ଦେଖାଯାଇଛି। ଏବେ ପରୀକ୍ଷାର୍ଥୀଙ୍କ ପାଇଁ ଫର୍ମ ପୂରଣର ଶେଷ ତାରିଖ ଚଳିତ ମାସ ୫ ତାରିଖ ଥିବାବେଳେ ପରୀକ୍ଷା କେନ୍ଦ୍ର ପାଇଁ ସିବିଏସ୍‌ଇ ପକ୍ଷରୁ ଧାର୍ଯ୍ୟ ସର୍ତ୍ତ ଦ୍ୱନ୍ଦ୍ୱ ସୃଷ୍ଟି କରିଛି। ପ୍ରଶ୍ନପତ୍ର କୌଣସି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଲକର୍‌ରେ ରଖିବା ବ୍ୟବସ୍ଥା ରହିବା ସହ ସେ ସବୁର ସୁରକ୍ଷା ପାଇଁ ବ୍ୟାଙ୍କ ପରିଚାଳକଙ୍କଠାରୁ ଏକ ଅଣ୍ଡରଟେକିଂ ଆବଶ୍ୟକ ପଡ଼େ। କିନ୍ତୁ ବୈପାରୀଗୁଡ଼ାରେ ୨ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଥିବାବେଳେ କୌଣସି ବ୍ୟାଙ୍କ କର୍ତ୍ତୃପକ୍ଷ ଏଥିରେ ରାଜି ହେଉ ନାହାନ୍ତି। ପୁନଶ୍ଚ ପରୀକ୍ଷା କେନ୍ଦ୍ର ପାଇଁ ନେଟ୍, କଂପ୍ୟୁଟର, ଜେରକ୍ସ ମେସିନ୍ ଓ ସିସି କ୍ୟାମେରାର ସୁବିଧା ମଧ୍ୟ ଉପଲବ୍ଧ ନୁହେଁ। ତେଣୁ ପରୀକ୍ଷା କେନ୍ଦ୍ର ହେବା ନେଇ ଏକ ପ୍ରକାର ଅନିଶ୍ଚିତତା ଦେଖାଦେଇଛି। ବିଦ୍ୟାଳୟରେ ଦୂର ଦୂରାନ୍ତରୁ ଗରିବ ଆଦିବାସୀ ଛାତ୍ରୀଛାତ୍ର ପଢୁଥିବା ବେଳେ ପରୀକ୍ଷା କେନ୍ଦ୍ର ଜୟପୁର କିମ୍ବା କୋରାପୁଟରେ ହେଲେ ସେମାନେ ବହୁ ସମସ୍ୟା ଭୋଗିବେ। ଜିଲା ଶିକ୍ଷାଧିକାରୀ ଓ ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଅଭିଭାବକମାନେ ଦାବି କରିଛନ୍ତି।

### ନାଲ୍‌କୋ ଆଲୁମିନା ରିଫାଇନାରିକୁ 'କଳିଙ୍ଗ ସୁରକ୍ଷା' ପୁରସ୍କାର



ଦାମନଯୋଡ଼ି,୬।୧୧(ଡି.ଏନ୍.ଏ.): ଶ୍ରେଷ୍ଠ ସୁରକ୍ଷା ପରିଚାଳନା ପାଇଁ ଦାମନଯୋଡି ନାଲ୍‌କୋ ଆଲୁମିନା ରିଫାଇନାରୀ ପ୍ଲାଣ୍ଟକୁ ୨୦୧୭ ପାଇଁ ପରସ୍କୃତ କରାଯାଇଛି। ଓଡିଶା ସେଫ୍‌ଟି କନ୍‌କ୍ଲେଭ-୧୮ ନାମକ ଏକ ବିଶେଷ ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କଠାରୁ ନାଲ୍‌କୋର ମହାପ୍ରବନ୍ଧକ ରବି ଶଙ୍କର ଦାସ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଆଇ.କ୍ୟୁ.ଏମ୍.ଏସ୍ ଦ୍ୱାରା ଆୟୋଜିତ ଉକ୍ତ ସମାରୋହରେ ଉତ୍ତମ ସୁରକ୍ଷା ପ୍ରବନ୍ଧନ ନିମିତ୍ତ ନାଲ୍‌କୋ ଆଲୁମିନା ରିଫାଇନାରୀକୁ 'କଳିଙ୍ଗ ସୁରକ୍ଷା ପୁରସ୍କାର' ମିଳିଛି।

### ମହୁଚାଷ ସମ୍ବନ୍ଧୀୟ ତାଲିମ ଶିବିର



ନନ୍ଦପୁର, ୬।୧୧(ଡି.ଏନ୍.ଏ.): ନନ୍ଦପୁର ବ୍ଲକ ସଭାଗୃହରେ ମହୁଚାଷ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଛି। ରାଜ୍ୟ ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ଼ ଏବଂ ରାଜ୍ୟ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ପକ୍ଷରୁ ଏହି ପ୍ରଶିକ୍ଷଣ ଶିବିର ସପ୍ତାହେ ବ୍ୟାପି ଚାଲିବ। କୋରାପୁଟ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଏହାକୁ ପରିଚାଳନା କରୁଛି। ପଟାଙ୍ଗି ବିଧାୟକ ପ୍ରଫୁଲ୍ଲ ପାଙ୍ଗୀ ମୁଖ୍ୟ ଅତିଥି, ବିଜେଡି ଜିଲା ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ରାଜ୍ୟ ଖଦି ବୋର୍ଡ ଅଧକ୍ଷ ତେଜେଶ୍ୱର ପରିଡା, ନନ୍ଦପୁର ବ୍ଲକ ଅଧକ୍ଷ ମଧୁ ମୁଦୁଲି, ବିଡିଓ କୈଳାଶ ଚନ୍ଦ୍ର ପ୍ରଦାନ, ପୂର୍ବତନ ବ୍ଲକ ଅଧ ଗୋପାଳ କୃଷ୍ଣ ବେବର୍ତ୍ତା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏଥିରେ ମହୁ ଚାଷ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବ୍ଲକର ୪୦ ଜଣ ଯୁବକ ମହୁଚାଷ ସମ୍ବନ୍ଧରେ ତାଲିମ ନେଉଛନ୍ତି। ଶିବିରରେ ବନ ବିଭାଗ, ଉଦ୍ୟାନ ବିଭାଗ, କୃଷି ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବିପଣି ବୀଥିକା କବାଟ ଖୋଲୁନି

## ■ ନିର୍ମାଣରେ ୧୦, ମରାମତିରେ ୫ ଲକ୍ଷ ଗଲାଣି

କୋଲାବନଗର,୬।୧୧(ଡି.ଏନ୍.ଏ.)



ବନ୍ଦ ପଡ଼ିଥିବା ବିପଣି ବୀଥିକା।

କୋରାପୁଟ ସଦର ବ୍ଲକ୍ ଅନ୍ତର୍ଗତ ବଡ଼କେରେଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ୨୦୧୪ରୁ ୧୩ଟି ବିପଣି ବିଥିକା ନିର୍ମିତ ହୋଇଛି। ଏଥିରେ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ବହୁ ଆଡ଼ମ୍ବରରେ ଏହାକୁ ଆନୁଷ୍ଠାନିକ ଭାବେ ତତ୍କାଳୀନ ପଞ୍ଚାୟତିରାଜ ମନ୍ତ୍ରୀ ଦାମୋଦର ରାଉତ ଉଦ୍‌ଘାଟନ କରିଥିଲେ। କିନ୍ତୁ ସେବେଠୁ ଗୃହଗୁଡ଼ିକର କବାଟ ତାଲା ଖୋଲାଯାଉନି କି ବାଣିଜ୍ୟ ପସରା ମେଲୁନି। ଏଗୁଡ଼ିକର ରକ୍ଷଣାବେକ୍ଷଣ ଅଭାବରୁ କେତେକ ଭାଙ୍ଗିରୁଜି ଗଲାଣି। ଖୋଲିବା ପାଇଁ ଅଞ୍ଚଳବାସୀ ବହୁବାର ଦାବି ଉଠାଇଲେଣି। କିନ୍ତୁ ଏଗୁଡ଼ିକର ତାଲା ଖୋଲାଯାଉନି। କ'ଣ ପାଇଁ ଗୃହଗୁଡ଼ିକୁ ତାଲା ପକାଇ ରଖାଯାଇଛି ବୋଲି ସାଧାରଣ ଲୋକେ ପ୍ରଶ୍ନ କଲେ ମଧ୍ୟ ପ୍ରଶାସନ ତରଫରୁ କୌଣସି ସନ୍ତୋଷଜନକ ଉତ୍ତର ମିଳୁ ନ ଥିବା ଅଭିଯୋଗ ହୋଇଛି। ଏହା ଭିତରେ ମରାମତି ପାଇଁ ୨୦୧୮ ଅଗଷ୍ଟ ମାସରେ କୋରାପୁଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଞ୍ଚା ଭିଡ଼ି ୫ ଲକ୍ଷ ଟଙ୍କା ମଞ୍ଜୁର କଲେ। ଠିକାଦାରଙ୍କ ମାଧ୍ୟମରେ ମରାମତି କାର୍ଯ୍ୟ ହେଲା। କିନ୍ତୁ ଆଶ୍ଚର୍ଯ୍ୟର କଥା, ପୁଣି ଗୃହଗୁଡ଼ିକରେ ତାଲା ପକାଇ ଦିଆଗଲା। ଏହାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି। ଯଦି ଗୃହଗୁଡ଼ିକର ମରାମତି ହେଲା, ତେବେ କାହା ସ୍ୱାର୍ଥରେ ଏଥିରେ ତାଲା ପକାଯାଇଛି ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ଏହାର ତଦନ୍ତ କରିବାକୁ ଦାବି ହୋଇଛି।

## ■ ଶିବିରରେ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ

# 'କୃଷିବିଜ୍ଞାନରେ ଭବିଷ୍ୟତ କର'

ଜୟପୁର,୬।୧୧(ନି.ପ୍ର./ଡି.ଏନ୍.ଏ.)

ଅଗ୍ରୀଣ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସିୱା ପକ୍ଷରୁ ସ୍ଥାନୀୟ ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟରେ କୃଷିକୁ ପେସା ଭାବେ ଗ୍ରହଣ କରିବାକୁ ରବିବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। କଲେଜ ଛାତ୍ରୀଛାତ୍ରମାନେ କୃଷି ବିଜ୍ଞାନକୁ ନେଇ ନିଜ ଭବିଷ୍ୟତ ଗଢ଼ନ୍ତୁ ବୋଲି ଏଥିରେ ଆହ୍ୱାନ ଦିଆଯାଇଛି। କୃଷିକୁ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ଅଗ୍ରାଧିକାର ଦିଆଯାଉଥିବା ବେଳେ ବୈଜ୍ଞାନିକ ଶୈଳୀ ସହିତ ପାରମ୍ପରିକ ଏବଂ ଦେଶୀ ପଦ୍ଧତିକୁ ମଧ୍ୟ ଚାଷକାର୍ଯ୍ୟରେ ବିନିଯୋଗ କରାଯାଉଛି ବୋଲି ଆଲୋଚକମାନେ କହିଛନ୍ତି। ଏଥିରେ ଓୟୁଏଟିର ବୈଜ୍ଞାନିକ ଡ. ଲିଙ୍ଗରାଜ ଦୀପ, ସୁନାବେଡ଼ା ଧାନ ଗବେଷଣା କେନ୍ଦ୍ର ଡ. ପି.ପି. ଅଧିକାରୀ, ଅତିରିକ୍ତ ଏସ୍‌ପି ବିଷ୍ଣୁ ମୁଆନଖିଆ, କେନ୍ଦ୍ରିୟ ବିଶ୍ୱବିଦ୍ୟାଳୟର ଡ. କାକୋଲି ବାନାର୍ଜି, କୃଷି ଅଧିକାରୀ ଡ. ଅଜିତ ଧୀର, ହରେକୃଷ୍ଣ ହାଁସଦା, ବ୍ୟାଙ୍କ ଅଧିକାରୀ କାହ୍ନୁଚରଣ ସାହୁ, ଧୀରେନ ସିଂ ବରିହା, ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧକ୍ଷା ଡ. ରଚନା ଆଚାର୍ଯ୍ୟ ଆଲୋଚନାରେ ଭାଗ ନେଇଥିଲେ। ପ୍ରାରମ୍ଭରେ ସିୱା ସଭାପତି କୃଷ୍ଣଚନ୍ଦ୍ର ଦାଶ ସ୍ୱାଗତ ଭାଷଣ, ସଂପାଦକ ଆନନ୍ଦ ମୁଦ୍ରା ବିବରଣୀ ପାଠ, କାଉନସେଲିଂ ଅଧକ୍ଷ ଜି.ଭି. ରେଡ୍ଡି ସୂଚନା ପ୍ରଦାନ କରିଥିବା ବେଳେ ସୌମ୍ୟରଞ୍ଜନ ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ମୋତିଆବିନ୍ଦୁ ଚିହ୍ନଟ କାର୍ଯ୍ୟକ୍ରମ

ଦାମନଯୋଡି, ୬।୧୧(ଡି.ଏନ୍.ଏ.):

ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟରେ ଏକ ମୋତିଆବିନ୍ଦୁ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ବିଭିନ୍ନ ଗ୍ରାମରୁ ସାମିଲ ହୋଇଥିବା ୩୦ ଜଣ ବରିଷ୍ଠ ନାଗରିକଙ୍କ ଚକ୍ଷୁ ପରୀକ୍ଷା କରାଯାଇଛି। ମୋତିଆ ବିନ୍ଦୁ ଚିହ୍ନଟ ଲୋକଙ୍କୁ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ହସ୍‌ପିଟାଲକୁ ପଠାଯିବ ବୋଲି ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ପ୍ରଦୀପ ରଥଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରକୁ ପିଏଚ୍‌ଇଓ ମାଧବ ପାଙ୍ଗି, ସୁପରଭାଇଜର ଗୌରୀ କୁମାର ଦେବୀ ପରିଚାଳନା କରିଥିଲେ। ଚକ୍ଷୁ ସହାୟକ ବିଜୟ ଆଚାର୍ଯ୍ୟ ମୋତିଆ ବିନ୍ଦୁ ଚିହ୍ନଟ କରିଥିବା ବେଳେ ଏନ୍‌ସିଡି କାଉନସେଲର ତାପସୀ ଜେନା ରୋଗୀଙ୍କ ବିଭିନ୍ନ ପରୀକ୍ଷା କରିଥିଲେ। ଆଶାକର୍ମୀ ରୀନା ନାୟକ, ଅନିତା ହିଆଲ, ପ୍ରମିଳା ପ୍ରଧାନ, ପୁଷ୍ପଲତା ବିଡିକା, ସୁଲୋଚନା ପ୍ରଧାନ, କୁମୁଦିନୀ ପାତ୍ର, ଲଳିତା ରଣା, ଜାନକୀ ଗୁରୁନା, ଦୀପିକା ନାୟକ, ଜ୍ୟୋତି ବୁରୁଜା, ଅଞ୍ଜଳି ବଡତ୍ୟା, କରିଷ୍ମା ନାୟାର ସହଯୋଗ କରିଥିଲେ।

# ବ୍ରାହ୍ମଣ ସମାଜ ବନ୍ଧୁମିଳନ

ବୋରିଗୁମ୍ମା,୬।୧୧(ଡି.ଏନ୍.ଏ.)




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ବୋରିଗୁମ୍ମାସ୍ଥିତ ଜଗନ୍ନାଥ ମନ୍ଦିରରେ ବ୍ରାହ୍ମଣ ସମାଜର ବନ୍ଧୁ ମିଳନ ରବିବାର ଅନୁଷ୍ଠିତ ହୋଇଛି। ବୋରିଗୁମ୍ମା ବ୍ରାହ୍ମଣ ସମାଜ ସଭାପତି ନରସିଂହ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ, ସାହିତ୍ୟିକ ଡ. ଗଙ୍ଗାଧର ନନ୍ଦ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସଦାଶିବ ରଥ, ସୂର୍ଯ୍ୟନାରାୟଣ ସାହୁ, ଚନ୍ଦ୍ରଶେଖର ରଥ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସନାତନ ହିନ୍ଦୁ ସମାଜରେ ଶିକ୍ଷା, ସଂସ୍କୃତି, ରାଜନୀତି ତଥା ଶୃଙ୍ଖଳିତ ଏବଂ ସୁସ୍ଥ ସାମାଜିକ ଚଳଣିରେ ବ୍ରାହ୍ମଣଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ବର୍ତ୍ତମାନ ବ୍ରାହ୍ମଣଙ୍କ ସମ୍ମାନ, ମର୍ଯ୍ୟାଦା ପାଇଁ ସମସ୍ତଙ୍କୁ ଏକାଠି ହେବାକୁ ପଡ଼ିବ ବୋଲି ମୁଖ୍ୟବକ୍ତା ନନ୍ଦ କହିଛନ୍ତି। ସେବା ହିଁ ବ୍ରାହ୍ମଣଙ୍କ ମୁଖ୍ୟ ଆଭିମୁଖ୍ୟ ହେବା ପାଇଁ ସମସ୍ତେ ନିଷ୍ପତ୍ତି ନେଇଥିଲେ। କାର୍ଯ୍ୟକ୍ରମରେ ୩୧୫ଟି ବ୍ରାହ୍ମଣ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଭୁବନ ପାଢ଼ୀ, ସହ ସମ୍ପାଦକ ମନୋଜ ପଣ୍ଡା, କୋଷାଧକ୍ଷ ସୁଜିତ ଦାସ ଉପସ୍ଥିତ ଥିଲେ। ସମ୍ପାଦକ ମାନସ ରଥ ମଞ୍ଚ ଏବଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୧୦୬ ଅଭିଯୋଗ ଶୁଣିଲେ ଜିଲାପାଳ

କୋରାପୁଟ,୬।୧୧(ସ୍ୱ.ପ୍ର.)

କୋରାପୁଟସ୍ଥିତ ଡିଆରଡିଏ ସଦ୍‌ଭାବନା ଗୃହରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି। ଏଥିରେ ୧୦୬ଟି ଅଭିଯୋଗର ଶୁଣାଣି କରାଯାଇଛି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏସ୍‌ପି କନୱର ବିଶାଳ ସିଂ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ମହମ୍ମଦ ଅବଦୁଲ ଅଖତରଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ, ନିର୍ବାହୀ ଯନ୍ତ୍ରୀ ଉପସ୍ଥିତ ଥିଲେ। ରାସ୍ତା, ଶିକ୍ଷା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ପାନୀୟ ଜଳ, ବିଦ୍ୟୁତ, ଜମିଜମା ସହ ବିଭିନ୍ନ ବ୍ୟକ୍ତିଗତ ସମସ୍ୟା ନେଇ ଅଭିଯୋଗ ଆସିଥିଲା। ଜିଲାପାଳ ସେହି ଅଭିଯୋଗର ଶୁଣାଣି କରି ସମ୍ପୃକ୍ତ ବିଭାଗକୁ ଏହା ଉପରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

# ଧନ୍ୱନ୍ତରି ଜୟନ୍ତୀ ପାଳିତ

ଜୟପୁର,୬।୧୧(ନି.ପ୍ର.)

ଦକ୍ଷିଣ ଓଡ଼ିଶା ଆୟୁର୍ବେଦ ବିକାଶ ପରିଷଦ ପକ୍ଷରୁ ଜୟପୁର ଗୀତା ଭବନରେ ସୋମବାର ଧନ୍ୱନ୍ତରୀ ଜୟନ୍ତି ପାଳିତ ହୋଇଛି। ଏଥିରେ ପାରମ୍ପରିକ ପଦ୍ଧତିରେ ପୂଜା, ହୋମ, ଆବାହନ, ପୂର୍ଣ୍ଣାହୁତି ଏବଂ ପ୍ରସାଦସେବନ କାର୍ଯ୍ୟକ୍ରମ କରାଯାଇଥିଲା। କାର୍ଯ୍ୟକ୍ରମରେ ଜୟପୁର ତଥା ଦକ୍ଷିଣ ଓଡ଼ିଶାର ବହୁ ବୈଦ୍ୟ, କବିରାଜ, ଡାକ୍ତର ନିଜର ଆଭିମୁଖ୍ୟ ରଖିବା ସହ ଧନ୍ୱନ୍ତରୀ ଜୟନ୍ତୀ ସମ୍ପର୍କରେ ମତ ଦେଇଥିଲେ। ବରିଷ୍ଠ କବିରାଜ ପଣ୍ଡିତ ମୃତ୍ୟୁଞ୍ଜୟ ଦାସ, ପରମେଶ୍ୱର ପାତ୍ର, ଭବାନୀ ଆଚାର୍ଯ୍ୟ, କ୍ଷେତ୍ରବାସୀ ପଣ୍ଡା, ଡାକ୍ତର ସୁଦର୍ଶନ ଗୌଡ଼, ଲିଙ୍ଗରାଜ ସାମନ୍ତରାୟ, ଆୟୁର୍ବେଦପ୍ରେମୀ ଖଲି ପଟ୍ଟନାୟକ, ସତ୍ୟ ନାରାୟଣ ପରିଚ୍ଛା, ରାମକୃଷ୍ଣ ସାହୁ, ସାମନ୍ତ କୁମାର ବେହେରା, ଶ୍ରୀନିବାସ ପାତ୍ର, ହିମାଂଶୁ ପାଣିଗ୍ରାହୀ, ରାଜେନ୍ଦ୍ର ଗୌଡ଼, ପବନ ପାଣିଗ୍ରାହୀ, ସୁଜାତା ପାଣି, ମିନତି ନାୟକ, ଚିତ୍ତରଞ୍ଜନ ଚୌଧୁରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଘରବାଡ଼ି ପଟ୍ଟା ପାଇଁ ଦାବିପତ୍ର



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା କେନ୍ଦାର ପଞ୍ଚାୟତର ବାସିନ୍ଦା।

କୋରାପୁଟ,୬।୧୧(ସ୍ୱ.ପ୍ର.)

ଘରବାଡି ପଟ୍ଟା ଦାବିକରି ସୋମବାର କୋରାପୁଟ ବ୍ଲକ କେନ୍ଦାର ପଞ୍ଚାୟତର ବହୁ ଗ୍ରାମବାସୀ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। କେନ୍ଦାର ସଦର ଗ୍ରାମକୁ ବାଦ୍‌ଦେଲେ କେନ୍ଦାର ପଞ୍ଚାୟତର ୧୦ ଖଣ୍ଡ ୱାର୍ଡ଼ରେ ସର୍ଭେ ହୋଇସାରିଥିବା କେନ୍ଦାର ଗ୍ରାମର ପୀତବାସ ଜାନି କହିଛନ୍ତି। ଗ୍ରାମବାସୀ ଏନେଇ ସ୍ଥାନୀୟ ତହସିଲ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ରାଜସ୍ୱ ନୀରିକ୍ଷକ ସେମାନଙ୍କୁ କହିଲେ ଯେ ତମେ ଜିଲାପାଳଙ୍କୁ ଦେଖାକର। କାରଣ କେନ୍ଦାର ଗ୍ରାମ ପାହାଡ଼ିଆ ଜମିରେ ଥିବା ମ୍ୟାପ ଦେଖାଉଛି। ଜିଲାପାଳ ଯଦି ସେଟଲମେଣ୍ଟ କରିବାକୁ ଅନୁମତି ଦିଅନ୍ତି, ତେବେ କେନ୍ଦାର ଗ୍ରାମରେ ସର୍ଭେ କରାଯାଇଥିବା ପଟ୍ଟା ବଣ୍ଟାଯିବ ବୋଲି ନିରୀକ୍ଷକ କହିଥିବା ଗ୍ରାମର ଅର୍ଜୁନ ଡୁରୁକ, ପଦଲାମ ଜାନି, ମଙ୍ଗଳା ଜାନି ପ୍ରକାଶ କରିଛନ୍ତି। ସେମାନେ ଜିଲାପାଳଙ୍କୁ ଏନେଇ ଅଭିଯୋଗ ପତ୍ର ଦେବାପରେ ସେ ଏହି ପତ୍ରକୁ ସ୍ଥାନୀୟ ତହସିଲଦାରଙ୍କୁ ଦେଇ ତୁରନ୍ତ ତଦନ୍ତ ସହ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ■ ବାଇକ୍ ଶୋଭାଯାତ୍ରାରେ ସ୍ଲୋଗାନ ଦେଲା ପୋଲିସ

# 'ବାପା ହେଲ୍‌ମେଟ୍ ପିନ୍ଧିଲ କି'




ପୋଲିସ ପକ୍ଷରୁ ବାଇକ୍ ଶୋଭାଯାତ୍ରା ସହର ପରିକ୍ରମା କରୁଛି।

ଜୟପୁର,୬।୧୧(ନି.ପ୍ର./ଡି.ଏନ୍.ଏ.)

ଏଏସ୍‌ପି ସାଗରିକା ନାଥଙ୍କ ନେତୃତ୍ୱରେ କୋରାପୁଟ ଜିଲା ପୋଲିସ ପକ୍ଷରୁ ହେଲମେଟ ପିନ୍ଧିବା ପାଇଁ ଏକ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। 'ବାପା ହେଲ୍‌ମେଟ ପିନ୍ଧିଲ କି' ସ୍ଲୋଗାନ ଦେଇ ଶୋଭାଯାତ୍ରା ଜୟପୁର ଷ୍ଟେସନ ଛକରୁ ବାହାରି ସହର ପରିକ୍ରମା କରିବା ପରେ ରଜାନଅରରେ ପହଞ୍ଚିଥିଲା। ଜିଲା ପୋଲିସ ପକ୍ଷରୁ ଚାଲିଥିବା 'ମୋ ହେଲମେଟ ମୋ ସୁରକ୍ଷା' ଅଭିଯାନ କ୍ରମରେ ଲୋକଙ୍କୁ ସଡ଼କ ସୁରକ୍ଷା ଉପରେ ସଚେତନ କରାଯାଉଛି। ଏହି ଅବସରରେ ଅନୁଷ୍ଠିତ ଆଜିର ଶୋଭାଯାତ୍ରାକୁ ଏଏସ୍‌ପି ସାଗରିକା ନାଥ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏସ୍‌ଡିପିଓ ଟି.ଜେ. ରେଡ୍ଡୀ, ସଦର ଥାନା ଅଧିକାରୀ କୈଳାସ ସେଠୀ ଉପସ୍ଥିତ ଥିଲେ। ପରେ ସ୍ଥାନୀୟ ପ୍ରକାଶ ବିଦ୍ୟାଳୟରେ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଇଥିଲା। ଯେକୌଣସି ବ୍ୟକ୍ତି ଘରୁ ବାହାରକୁ ଯିବା ମାତ୍ରେ ପରିବାର ଲୋକେ ତାଙ୍କୁ ହେଲମେଟ ପିନ୍ଧିବାକୁ ବାଧ୍ୟ କରନ୍ତୁ ବୋଲି ଏଏସ୍‌ପି ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ।

## ଜ୍ଞାନବିଜ୍ଞାନ ମେଳାରେ ଝଲସିଲେ ଅଭିଷେକ, ଚନ୍ଦନ



ଅତିଥିଙ୍କଠାରୁ ପୁରସ୍କୃତ ହେଉଛନ୍ତି ଅଭିଷେକ ଓ ଚନ୍ଦନ।

ଜୟପୁର,୬।୧୧(ନି.ପ୍ର.)

ଜୟପୁର ଅରବିନ୍ଦ ନଗର ସରସ୍ୱତୀ ବିଦ୍ୟା ମନ୍ଦିରର ନବମ ଶ୍ରେଣୀର ଛାତ୍ର ଅଭିଷେକ ମହାପାତ୍ର ଓ ଚନ୍ଦନ ମହାପାତ୍ର ପ୍ରାନ୍ତୀୟ ଜ୍ଞାନ ବିଜ୍ଞାନ ମେଳାରେ କୃତିତ୍ୱ ହାସଲ କରିଛନ୍ତି। ଚଳିତ ମାସ ୨ରୁ ୪ ତାରିଖ ପର୍ଯ୍ୟନ୍ତ ଭବାନୀପାଟଣାରେ ଶିକ୍ଷା ବିକାଶ ସମିତି ପକ୍ଷରୁ ଆୟୋଜିତ ହୋଇଥିବା ଏହି ମେଳାରେ 'ସୌର ଶକ୍ତି ଆଧାରିତ ନମୁନା ପ୍ରକଳ୍ପ'ରେ ଅଭିଷେକ ମହାପାତ୍ର ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ 'ଗାଣିତିକ ପ୍ରକଳ୍ପ'ରେ ଚନ୍ଦନ ମହାପାତ୍ର ଦ୍ୱିତୀୟ ସ୍ଥାନ ପାଇଛନ୍ତି। ସେହିଠାରେ ହିଁ ଆୟୋଜିତ କ୍ଷେତ୍ରୀୟ ଜ୍ଞାନ ବିଜ୍ଞାନ ମେଳାରେ ଓଡ଼ିଶା, ପଶ୍ଚିମବଙ୍ଗ, ସିକିମ, ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜକୁ ନେଇ ଗଠିତ ପୂର୍ବକ୍ଷେତ୍ରରେ ମଧ୍ୟ ଅଭିଷେକ ମହାପାତ୍ର ଦ୍ୱିତୀୟ ସ୍ଥାନ ଦଖଲ କରି ଅରବିନ୍ଦ ନଗର ବିଦ୍ୟାଳୟର ଗୌରବ ବଢ଼ାଇଛନ୍ତି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ, ପରିଚାଳନା ସମିତି ତଥା ଶିକ୍ଷୟିତ୍ରୀ ଶିକ୍ଷକ ଶୁଭେଚ୍ଛା ଜଣାଇଛନ୍ତି।

## ବିଦ୍ୟାଳୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ଦାମନଯୋଡ଼ି,୬।୧୧(ଡି.ଏନ୍.ଏ.)

ଦାମନଯୋଡ଼ିସ୍ଥିତ ସରସ୍ୱତୀ ବିଦ୍ୟା ମନ୍ଦିରରେ କୋରାପୁଟ ବ୍ଲକ ବିଦ୍ୟାଳୟସ୍ତରୀୟ କ୍ରିକେଟ, ବ୍ୟାଡମିଣ୍ଟନ, ଟେବୁଲ ଟେନିସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ବିଭିନ୍ନ ସ୍କୁଲରୁ ୮୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଶିକ୍ଷକ ଚନ୍ଦ୍ରଶେଖର ଦ୍ୱିବେଦୀ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ବ୍ଲକର ଭାରପ୍ରାପ୍ତ ଶିକ୍ଷାଧିକାରୀ ଦୟାସିନ୍ଧୁ ବାଘ ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରି ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଭଲ ପ୍ରଦର୍ଶନ କରିବାକୁ ପରାମର୍ଶ ଦେଇଥିଲେ। ରମେଶ ଚନ୍ଦ୍ର ସ୍ୱାଇଁ, ସରୋଜ କୁମାର ମହନ୍ତ, ଅନୀଲ କୁମାର ପତି, ପ୍ରଶାନ୍ତ ପ୍ରଧାନ, ଶିଶିର ବାରିକ, ନନ୍ଦ କିଶୋର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ମନୋନୀତ ହୋଇଥିବା ଖେଳାଳି ଆସନ୍ତା ୧୦ ତାରିଖରେ ଦାମନଯୋଡି ଡିପିଏସ୍ ଓ ୧୬ ତାରିଖରେ ଏସ୍‌ଭିଏମ୍ ଦାମନଯୋଡିରେ ହେବାକୁ ଥିବା ଜିଲାସ୍ତରୀୟ ପ୍ରତିଯୋଗିତା ପାଇଁ ଭାଗନେବେ। କ୍ରିକେଟରେ ୧୦, ବ୍ୟାଡମିଣ୍ଟନରେ ୧୬ ଓ ଟେବୁଲ ଟେନିସ୍‌ରେ ୧୬ଜଣ ପ୍ରତିଯୋଗୀ ଭାଗନେବେ।

## ■ ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

# କୋଟପାଡ଼ର ୧୬ ପ୍ରତିଯୋଗୀ ମନୋନୀତ

କୋଟପାଡ଼,୬।୧୧(ଡି.ଏନ୍.ଏ.)



ରାଜ୍ୟସ୍ତରୀୟ କ୍ରୀଡ଼ା ପାଇଁ ମନୋନୀତ ହୋଇଥିବା କୋଟପାଡ଼ ଅଞ୍ଚଳର ଖେଳାଳିମାନେ।

କୋରାପୁଟ ଜିଲାସ୍ତରୀୟ ୪୮ତମ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା ଚୟନ ପ୍ରକ୍ରିୟାରେ କୋଟପାଡ଼ ବ୍ଲକ୍‌ର ୧୬ ଜଣ କ୍ରୀଡ଼ାବିତ ମନୋନୀତ ହୋଇଛନ୍ତି। ଉକ୍ତ କ୍ରୀଡ଼ା ପ୍ରତିଯୋଗିତାରେ ପ୍ରଥମଥର ପାଇଁ ୧୪ ବର୍ଷରୁ କମ୍ ବାଳିକା ବାଳକମାନଙ୍କର କବାଡ଼ି ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ନିରୁପମା ନାୟକ ଜାଭେଲିନ୍ ଥ୍ରୋରେ ପ୍ରଥମ, ୨୦୦ ମିଟର ଦୌଡ଼ରେ ଦ୍ୱିତୀୟ, ଡିସକସ୍ ଥ୍ରୋରେ ୩ୟ ହୋଇଛନ୍ତି। ସେହିପରି ଏସ୍‌ଜି ନୂଆଗାଁ ଆବାସିକ ବିଦ୍ୟାଳୟର ରିଙ୍କି ପୂଜାରୀ ୫୦୦ ମିଟର ଦୌଡ଼ରେ ପ୍ରଥମ, ୪୦୦ ମିଟର ଦୌଡ଼ରେ ଦ୍ୱିତୀୟ, ୧୫୦୦ ମିଟର ଦୌଡ଼ରେ ତୃତୀୟ ସ୍ଥାନ ପାଇଛନ୍ତି। ସେହିଭଳି ମୂର୍ତ୍ତାହାଣ୍ଡି ହାଇସ୍କୁଲର ସତାଇ ଚଲାଣ ୬୦୦ ମିଟର ଦୌଡ଼ରେ ଦ୍ୱିତୀୟ, ୪୦୦ ମିଟର ଦୌଡ଼ରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। କୋଟପାଡ଼ ସରକାରୀ ଉଚ୍ଚ ବାଳକ ବିଦ୍ୟାଳୟର ଧର୍ମେନ୍ଦ୍ର ଚଲାଣ ୩୦୦ ମିଟର ଦୌଡ଼ରେ ଦ୍ୱିତୀୟ, ୪୦୦ ମିଟର ଦୌଡ଼ରେ ଦ୍ୱିତୀୟ, ୧୫୦୦ ମିଟର ଦୌଡ଼ରେ ତୃତୀୟ ହୋଇଥିବାବେଳେ ଏସ୍‌ଏସ୍‌ଡି ଆବାସିକ ବିଦ୍ୟାଳୟର ପଦ୍ମିନୀ ଚଲାଣ କବାଡ଼ି ଏବଂ ସ୍ମୃତିପ୍ରଭା ସାହୁ, ଅମ୍ରିତା ନାୟକ ଓ ଗଣେଶ ନାୟକ ଯୋଗରେ ମନୋନୀତ ହୋଇଛନ୍ତି। କୋଟପାଡ଼ ବ୍ଲକ୍ ଟେକ୍ନିକାଲ ସହାୟକ ଖେଳ ଶିକ୍ଷକ ପ୍ରଦୀପ ଗୌଡ଼, ଭଲିବଲ୍ ପ୍ରଶିକ୍ଷକ ମନୋରଞ୍ଜନ ଦାସ, ଖେଳ ଶିକ୍ଷକ ପ୍ରଭାସିନୀ ଲିମା, ଦୁର୍ଗାମାଧବ ବେହେରା ଓ ମମତା ଦାସ ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ କ୍ରୀଡ଼ାରେ ଅଂଶଗ୍ରହଣ କରିବେ।

## ସଂକ୍ଷେପରେ

### ଜଙ୍ଗଲ ଜମି ପଟ୍ଟା ବଣ୍ଟନ



କାଶୀପୁର,୬।୧୧(ଡ଼ି.ଏନ.ଏ): ରାୟଗଡା ଜିଲା କାଶୀପୁର ବ୍ଲକ ମାଣ୍ଡିବିଶୀ ପଞ୍ଚାୟତ ଅନ୍ତର୍ଗତ ଭିତରଚରା ଗ୍ରାମରେ ମଙ୍ଗଳବାର ଜଙ୍ଗଲ ଜମି ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାଶୀପୁର ଅତିରିକ୍ତ ତହସିଲଦାର କୁଶ ଗରଡାଙ୍କ ଅଧ୍ୟକ୍ଷତାରେ ୨୨ଜଣ ହିତାଧିକାରୀଙ୍କୁ ୧ଏକର ଲେଖାଏଁ ଜଙ୍ଗଲ ଜମି ପଟ୍ଟା ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମାଣ୍ଡିବିଶୀ ସରପଞ୍ଚ କୃଷ୍ଣ ମାଝି, ରାଜସ୍ୱ ନିରୀକ୍ଷକ ପ୍ରସାଦ ନିମାଲ, ବନରକ୍ଷୀ ଅଶ୍ୱିନ କୁମାର କରକରିଆ ଯୋଗଦେଇ ପଟ୍ଟା ବଣ୍ଟନ କରିଥିଲେ।

### କୁକୁର କାମୁଡାରେ ୨ଶିଶୁ ଗୁରୁତର

ଟିକିରି,୬।୧୧(ଡ଼ି.ଏନ.ଏ): ରାୟଗଡା ଜିଲା କାଶୀପୁର ବ୍ଲକ ଟିକିରିରେ ସୋମବାର କୁକୁର କାମୁଡାରେ ଦୁଇ ଶିଶୁ ଗୁରୁତର ହୋଇଛନ୍ତି । ସେମାନଙ୍କୁ ଟିକିରି ପ୍ରାଥମିକ ଚିକିତ୍ସାକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ମୋତିଲାଲ ନାଏକଙ୍କ ପୁଅ ତ୍ରିଲୋକ ନାଏକ (୩) ସାହିରେ ଖେଳୁଥିବା ସମୟରେ ହଠାତ୍ ଏକ କୁକୁର ଆସି କାମୁଡ଼ି ଦେଇଥିଲା । ସେହିପରି ଗ୍ରାମର ଅନ୍ୟ ଜଣେ ଶିଶୁଙ୍କୁ ମଧ୍ୟ କୁକୁର କାମୁଡିଥିବାର ଜଣାଯାଇଛି । କିନ୍ତୁ ଟିକିରି ପ୍ରାଥମିକ ଚିକିତ୍ସାକେନ୍ଦ୍ରରେ କୁକୁର କାମୁଡା ଇଞ୍ଜେକସନ ମିଳୁ ନ ଥିବାରୁ ଲୋକେ ବାଧ ହୋଇ ମେଡିକାଲ ଷ୍ଟୋରରୁ କିଣି ନେଇଥିବା ଜଣାଯାଇଛି । କିଛିଦିନ ମଧ୍ୟରେ ପାଗଳ କୁକୁର କାମୁଡାରେ ୧୦ରୁ ଅଧିକ ଆହତ ହୋଇଥିବା ଜଣାଯାଇଛି ।

### ସ୍ୱାସ୍ଥ୍ୟ ସେବା ଶିବିର

କାଶୀପୁର,୬।୧୧(ଡ଼ି.ଏନ.ଏ): ରାୟଗଡା ଜିଲା କାଶୀପୁର ବ୍ଲକ ପାଇକ କୁପାଖାଲ ଗ୍ରାମରେ ରାୟଗଡା ଜିଲ୍ଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ଏକ ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାୟଗଡା ଜିଲା ଡିପିଏଚଓ ସଂଯୁକ୍ତା ସାହୁ, ଡା. ଦ୍ୱିବେନ୍ଦୁ ଦେବ, ଡା. ସଙ୍ଗମିତ୍ରା ପାତ୍ର, ଡା. ମିନାକ୍ଷୀ ମହାନ୍ତୀ, ଡା.ଅନିଲ ବେହେରା, ଡା. ବିଜୟ କେତନ ବେହେରା, ଡା. ନେତ୍ରାନନ୍ଦ ନାଏକ ପ୍ରମୁଖ ଗ୍ରାମକୁ ଯାଇ ୧୩୬ ଜଣ ରୋଗୀଙ୍କ ଚିକିତ୍ସା କରିଥିଲେ ।

### ବ୍ଲକ ଘେରାଉ କଲା ଭାଜପା

କାଶୀପୁର/ଟିକିରି,୬।୧୧(ଡ଼ି.ଏନ.ଏ): ଭାଜପା ପକ୍ଷରୁ ସୋମବାର କାଶୀପୁର ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଛି । ଭାଜପା କର୍ମୀମାନେ ସ୍ଥାନୀୟ ଜଗନ୍ନାଥ ମନ୍ଦିରରୁ ଏକ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ । ପରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଏହି ଅବସରରେ ଗତ ୧୮ବର୍ଷ ଧରି ରାଜ୍ୟ ଶାସନ କରୁଥିବା ବିଜେଡି ସରକାରର ପିସି କାରବାର,ଦୁର୍ନୀତି ଚାଲିଥିବା ନେଇ ଅଭିଯୋଗ କରିଥିଲେ । ଏନେଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୨୪ଦଫା ସମ୍ବଳିତ ଏକ ଦାବିପତ୍ର କାଶୀପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ବେଦବର ପ୍ରଧାନଙ୍କୁ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ଏମପି ଜୟରାମ ପାଙ୍ଗି, ଭାଜପା ଜାତୀୟ ଉପସଭାପତି ଆଦିବାସୀ ମୋର୍ଚ୍ଚା କାଳିରାମ ମାଝି , ଜିଲା ସମ୍ପାଦକ ବେଲଧର ମାଝି, କାଶୀପୁର ମଣ୍ଡଳ ସଭାପତି ଉମାଶଙ୍କର ନାୟକ, ଟିକିରି ମଣ୍ଡଳ ସଭାପତି ସୁଶାନ୍ତ ପ୍ରଧାନ, ଡଙ୍ଗାସିଲ ମଣ୍ଡଳ ସଭାପତି ଗୁଣନିଧି ବାଗ, କାଶୀପୁର ବ୍ଲକ ଯୁବ ମୋର୍ଚ୍ଚା ସଭାପତି ଅମିତ ବୈଦ୍ୟ, ଭାବଗ୍ରାହୀ ନାୟକଙ୍କ ସମେତ ବହୁ କର୍ମୀ ଯୋଗ ଦେଇଥିଲେ।



କାଶୀପୁରରେ ଭାଜପା ନେତା ଓ କର୍ମୀମାନେ ଶୋଭାଯାତ୍ରାରେ ଯାଉଛନ୍ତି।

# ପଞ୍ଜୀକରଣ କଲେନି ୧୦ ପଞ୍ଚାୟତର ଚାଷୀ

ରାୟଗଡା ଅଫିସ୍, ୬।୧୧



ବୈଠକରେ ଯୋଗ ଦେଇଥିବା ଅଧିକାରୀ ଓ ଅନ୍ୟମାନେ ।

**ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ**

- ଗାଁ ଓ ହାଟରେ କରାଯିବ ପ୍ରଚାର
- ୧ ଲକ୍ଷ ୧୧ ହଜାର ୯୪୦ ମେଟ୍ରିକ୍ ଟନ୍ ସଂଗ୍ରହ ଲକ୍ଷ୍ୟ
- ୧୫ହଜାର ୯୫୫ ଚାଷୀ କଲେ ପଞ୍ଜୀକରଣ

ରାୟଗଡା ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ଗୁହା ପୁନମ ତାପସ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଚଳିତ ବର୍ଷ ୧ଲକ୍ଷ ୧୧ହଜାର ୯୪୦ମେଟ୍ରିକ୍ ଟନ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ରଖାଯାଇଛି । ବର୍ତ୍ତମାନ ସୁଦ୍ଧା ଧାନ ବିକ୍ରି ନିମନ୍ତେ ୧୫ହଜାର ୯୫୫ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି । ତେବେ ଜିଲାର ଭାତହାଣ୍ଡି ବୋଲାଯାଉଥିବା ୧୦ଟି ପଞ୍ଚାୟତର ଚାଷୀ ପଞ୍ଜୀକରଣ ପ୍ରକ୍ରିୟାରେ ସାମିଲ ହୋଇନଥିବା ଜଣାପଡିଛି । ଫଳରେ ସେହି ଚାଷୀମାନଙ୍କୁ ପଞ୍ଜୀକରଣ କରିବା ନିମନ୍ତେ ଆସନ୍ତା ଏକ ସପ୍ତାହ ପର୍ଯ୍ୟନ୍ତ ଗାଁ ଓ ହାଟରେ ଆର୍‌ଏମ୍‌ସି ପକ୍ଷରୁ ପ୍ରଚାର କରାଯିବ । ଏହାପରେ ଉକ୍ତ ପଞ୍ଚାୟତ କାର୍ଯ୍ୟାଳୟରେ ଚାଷୀ ପଞ୍ଜୀକରଣ ହେବ ବୋଲି ନିଷ୍ପତ୍ତି ହୋଇଛି । ପୂର୍ବବର୍ଷ ମାନଙ୍କ ଭଳି ଚଳିତ ବର୍ଷ ମଧ୍ୟ ଲ୍ୟାମ୍ପସ ଜରିଆରେ ଚାଷୀଙ୍କଠାରୁ ଧାନ ସଂଗ୍ରହ ହେବ । ଜିଲାର ୧୫ଟି ଲ୍ୟାମ୍ପସକୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି । ୧୧ଟି ବ୍ଲକ୍‌ରେ ମଣ୍ଡି ଜରିଆରେ ଧାନ ଚାଷୀଙ୍କ ଠାରୁ ଗ୍ରହଣ ହେବ । ୧ରୁ ୩ଦିନ ମଧ୍ୟରେ ଚାଷୀଙ୍କୁ କ୍ରୟ କରାଯାଇଥିବା ଧାନର ଅର୍ଥ ଆକାଉଣ୍ଟ ଜରିଆରେ ପ୍ରଦାନ କରିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଅର୍ଥ ପୈଠରେ ଯେମିତି ବିଳମ୍ବ ନ ହୁଏ ସେଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବା ସହ ଅବହେଳା କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ଲ୍ୟାମ୍ପସ କର୍ତ୍ତୃପକ୍ଷଙ୍କୁ ଚେତାବନୀ ଦେଇଛନ୍ତି । ଚଳିତ ବର୍ଷ ରାୟଗଡା ବ୍ଲକ୍‌ରେ ୫ଟି ମଣ୍ଡି, କୋଲନରାରେ ୩, କାଶୀପୁରରେ ୨, କଲ୍ୟାଣସିଂହପୁରରେ ୩, ରାମନାଗୁଡାରେ ୪, ଗୁଣପୁରରେ ୩, ପଦ୍ମପୁରରେ ୪, ଗୁଡାରୀରେ ୩, ମୁନିଗୁଡାରେ ୪, ଚନ୍ଦ୍ରପୁରରେ ୨ ଓ ବିଷମକଟକ ବ୍ଲକ୍‌ରେ ୪ଟି ମଣ୍ଡି ଖୋଲାଯିବ । ଭାଗଚାଷୀ ଓ ନାମମାତ୍ର ଚାଷୀଙ୍କୁ ମଧ୍ୟ ଗୁରୁତ୍ୱ ଦେବାକୁ ରାଜ୍ୟ ସରକାର ଯେଉଁ ନିର୍ଦ୍ଦେଶନାମା ଜାରି କରିଛନ୍ତି ତାହା ଉପରେ ଧ୍ୟାନ ଦେବା ନିମନ୍ତେ କୁହାଯାଇଥିଲା । ଜଣେ ଚାଷୀ ସର୍ବନିମ୍ନ ୧ କୁଇଣ୍ଟାଲଠାରୁ ଆରମ୍ଭକରି ନିଜର ଇଚ୍ଛା ମୁତାବକ ଧାନ ମଣ୍ଡିରେ ବିକ୍ରି କରିପାରିବେ । ଜଳ ସେଚିତ ଜମିର ଏକର ପିଛା ୧୯ କୁଇଣ୍ଟାଲ ଏବଂ ଅଣ ଜଳସେଚିତ ଜମିରେ ଏକର ପିଛା ୧୩ କୁଇଣ୍ଟାଲ ଧାନ ମଣ୍ଡିରେ ବିକ୍ରି କରିବେ । ନଭେମ୍ବର ପହିଲାରୁ ଧାନ ବିକ୍ରି ଆରମ୍ଭ ହୋଇ ଏପ୍ରିଲରେ ଏହା ଶେଷ ହେବ । ତେବେ ମିଲରଙ୍କୁ ଧାନ କ୍ରୟ ନିମନ୍ତେ ଯେଉଁ ଟାର୍ଗେଟ ଜିଲା ଯୋଗାଣ ବିଭାଗ ପକ୍ଷରୁ ପ୍ରଦାନ କରାଯାଉଛି ସେଥିରେ ତାଳମେଳ ନ ଥିବା ବିଧାୟକମାନେ ଅଭିଯୋଗ କରିଥିଲେ । ସେହିଭଳି ବୈଠକରେ ଉପସ୍ଥିତ ଥିବା କିଛି ଚାଷୀ ଧାନ ବିକ୍ରି ଟଙ୍କା ପ୍ରଦାନରେ ବିଳମ୍ବ ହେଉଥିବା ପ୍ରମାଣ ସହ ଅଭିଯୋଗ କରିଥିଲେ । ତେବେ କେଉଁ କାରଣରୁ ରବି ଋତୁରେ ଏହା ଘଟିଲା ତାହାର ସ୍ପଷ୍ଟିକରଣ ୩ଦିନ ମଧ୍ୟରେ ପ୍ରଦାନ ନକଲେ ରାୟଗଡା ଲ୍ୟାମ୍ପ କର୍ମଚାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବ ବୋଲି ଚେତାବନୀ ଦେଇଥିଲେ । ଏହି ବୈଠକରେ ରାୟଗଡା ବିଧାୟକ ଲାଲ୍‌ବିହାରୀ ହିମିରିକା, ଗୁଣପୁର ବିଧାୟକ ତ୍ରିନାଥ ଗମାଙ୍ଗ, ବିଷମକଟକ ବିଧାୟକ ଜଗନ୍ନାଥ ସାରକା, ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ସୁଧୀର କୁମାର ଦାସ, ଆର୍‌ସିଏମ୍‌ଏସ୍ ସଭାପତି ବି.ତିରୁପତି, ରାୟଗଡା ଉପଜିଲାପାଳ ପ୍ରବୀର କୁମାର ନାୟକ, ଗୁଣପୁର ଉପଜିଲାପାଳ, ଜିଲା ଯୋଗାଣ ଅଧିକାରୀ ପୁରୁଷୋତ୍ତମ ଲେଙ୍କା, ଆର୍‌ଏମ୍‌ସି ସମ୍ପାଦକ ଭବାନୀଶଙ୍କର ଦାସଙ୍କ ସମେତ ସମସ୍ତ ଲ୍ୟାମ୍ପର ପରିଚାଳନା ନିର୍ଦ୍ଦେଶକମାନେ ଉପସ୍ଥିତ ଥିଲେ ।

# ଜିଲାସ୍ତରୀୟ ହୌସଲା କାର୍ଯ୍ୟକ୍ରମ

ଗୁଣପୁର,୬।୧୧(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ବାଳନିକେତନ ଶିଶୁ ଯତ୍ନ ଅନୁଷ୍ଠାନଠାରେ ମଙ୍ଗଳବାର ଜିଲାସ୍ତରୀୟ ହୌସଲା କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି । ମହିଳା ଓ ଶିଶୁ ବିଭାଗ ଏବଂ ଓଡିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି ଆନୁକୂଲ୍ୟରେ ଜିଲା ଶିଶୁ ସୁରକ୍ଷା ୟୁନିଟ ଦ୍ୱାରା ସେବା ଯତ୍ନ ଅନୁଷ୍ଠାନରେ ଥିବା ଶିଶୁମାନଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାକୁ ଉଦଯିବିତ କରିବା ଉଦ୍ଦେଶ୍ୟରେ ଉକ୍ତ କାର୍ଯ୍ୟକ୍ରମ ହୌସଲା ଆୟୋଜନ ହୋଇଥିଲା । ଜିଲାର ୫ଗୋଟି ଅନୁଷ୍ଠାନର ମୋଟ ଦୁଇ ଶହ ଜଣ ଛାତ୍ରୀଛାତ୍ର ଏଥିରେ ଯୋଗ ଦେଇଥିଲେ । ସେମାନଙ୍କ ମଧ୍ୟରେ ଖେଳକୁଦ, ତର୍କ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ଚିହ୍ନଟ କରାଯାଇଥିଲା । ଏହି କୃତୀ ଛାତ୍ରୀଛାତ୍ର ଆସନ୍ତା ୧୧ ଓ ୧୨ ତାରିଖ ଦୁଇ ଦିନ ଧରି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ । ଜିଲା ଶିଶୁ ସୁରକ୍ଷା ଅଧିକାରୀ ରମେଶଚନ୍ଦ୍ର ନାୟକ, ଜିଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ରାଜକିଶୋର ସାହୁ, ଜିଲା ଶିଶୁ ସୁରକ୍ଷା ୟୁନିଟର ସତ୍ୟପ୍ରିୟା ପ୍ରଧାନ, ଦିପିକା ସ୍ୱାଇଁଙ୍କ ସମେତ ସମସ୍ତ ସେବା ଯତ୍ନ ଅନୁଷ୍ଠାନର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ଗୁଣପୁର ବାଳନିକେତନର ଅକ୍ଷୟ ମହାନ୍ତି ଏବଂ ଅଜିତ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର ।

■ପୋଲସରା ଗଣବଳାତ୍କାର ଘଟଣାର ଅଭିଯୁକ୍ତଙ୍କ ଗିରଫ ଦାବି

# ଭାଜପା ମହିଳା ମୋର୍ଚ୍ଚାର ବିକ୍ଷୋଭ

ରାୟଗଡା ଅଫିସ୍, ୬।୧୧

ଗଞ୍ଜାମ ଜିଲା ପୋଲସରାରେ ହୋଇଥିବା ନାବାଳିକାକୁ ଗଣବଳାତ୍କାର ଘଟଣାର ପ୍ରତିବାଦ ଏବଂ ଅଭିଯୁକ୍ତଙ୍କ ଗିରଫ ଦାବିରେ ରାୟଗଡା ଜିଲା ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମହିଳା ମୋର୍ଚ୍ଚା ଜିଲା ସଭାପତି, ଉପସଭାନେତ୍ରୀ ଜି.ରାଜେଶ୍ୱରୀ, ଭାନୁମତି ମୁଦୁଲିଙ୍କ ନେତୃତ୍ୱରେ ମଙ୍ଗଳବାର ସ୍ଥାନୀୟ କପିଳାଶ ଛକରେ ଶତାଧିକ କର୍ମୀ ଓ ନେତା ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହି ସମୟରେ ଭାଜପା ରାଷ୍ଟ୍ରୀୟ ଅନୁସୂଚିତ ଜାତି ଉପସଭାପତି କାଳୀରାମ ମାଝୀ, ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ରଜତ ମାଦଳା, ମହିଳା ମୋର୍ଚ୍ଚା ରାଜ୍ୟ ସମ୍ପାଦିକା ଲକ୍ଷ୍ମୀ ପଟ୍ଟନାୟକ, ଅପରାଜିତା ସିଂ, ନଗର ସଭାନେତ୍ରୀ ଜ୍ୟୋତି ବାଛେଲି, ସୁମଲତା ନାୟକ, ଭାଜପା ମହିଳା ମୋର୍ଚ୍ଚା ନଗର ଉପସଭାନେତ୍ରୀ ଗୌରୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ମହିଳା ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

■ମୁଖ୍ୟମନ୍ତ୍ରୀଙ୍କ ଭିଡ଼ିଓ କନ୍‌ଫରେନ୍ସିଂ କାର୍ଯ୍ୟକ୍ରମ

# ଆଦିବାସୀ ଅଞ୍ଚଳରେ ଶିକ୍ଷାକୁ ଗୁରୁତ୍ୱ



ଭିଡ଼ିଓ କନଫରେନ୍ସିଂ କାର୍ଯ୍ୟକ୍ରମରେ ଅଧିକାରୀ ଓ ଅନ୍ୟମାନେ ।

ପଦ୍ମପୁର, ୬।୧୧ (ଡି.ଏନ୍.ଏ.)

ରାୟଗଡ଼ା ଜିଲାର ପଦ୍ମପୁର ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଭିଡ଼ିଓ କନ୍‌ଫରେନ୍ସିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆଦିବାସୀ ଅଧ୍ୟୁଷିତ ପଦ୍ମପୁର ବ୍ଲକ୍‌ର ଛାତ୍ରୀଛାତ୍ର କିଭଳି ଉପକୃତ ହୋଇପାରିବେ ତା ଉପରେ ଅବସନ୍ତଦେବୀ ବିଦ୍ୟାପୀଠ ପ୍ରଧାନଶିକ୍ଷକ ପ୍ରଶାନ୍ତ ଶତପଥୀ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏଭଳି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରୀଛାତ୍ର ଉପକୃତ ହୋଇପାରିବେ ବୋଲି ଉପସ୍ଥିତ ଅତିଥିବୃନ୍ଦ ମତବ୍ୟକ୍ତ କରିଥିଲେ। ଏଥିରେ ରାୟଗଡ଼ା ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ରିତ୍ ଋତୁରାଜ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଗସ୍ତୀ ପ୍ରଧାନ, ପଦ୍ମପୁର ବ୍ଲକ ଶିକ୍ଷାଧିକାରୀ ପ୍ରସନ୍ନ କୁମାର ଦାସଙ୍କ ସମେତ ବିଭିନ୍ନ ସ୍ଥାନରୁ ଆସିଥିବା ସରପଞ୍ଚ, ସମିତି ସଭ୍ୟ, ଛାତ୍ରୀଛାତ୍ର, ଅଭିଭାବକ ଓ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଶେଷରେ ବ୍ଲକ କନିଷ୍ଠ ଯନ୍ତ୍ରୀ ପ୍ରତାପ ଚନ୍ଦ୍ର ମିଶ୍ର ଧନ୍ୟବାଦ ଦେଇଥିଲେ ।

# ଲାପଟପ୍ ବଣ୍ଟନ କାର୍ଯ୍ୟକ୍ରମ

ରାୟଗଡା ଅଫିସ୍, ୬।୧୧

ରାୟଗଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ସ୍ୱର୍ଣ୍ଣ ଜୟନ୍ତୀ ପ୍ରକୋଷ୍ଠରେ ଜିଲାର ମେଧାବୀ ଛାତ୍ରୀଛାତ୍ରଙ୍କୁ ଲାପ୍‌ଟପ୍ ବଣ୍ଟନ କରାଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ଲାଲ୍‌ବିହାରୀ ହିମିରିକା ଏବଂ ଜିଲାପାଳ ଗୁହା ପୁନମ ତାପସ କୁମାର ୨୦୧୮ ଯୁକ୍ତଦୁଇ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ୧୩୫ଜଣ ଛାତ୍ରୀଛାତ୍ରଙ୍କୁ ଲାପ୍‌ଟପ୍ ବଣ୍ଟନ କରିଥିଲେ । ନିରଞ୍ଜନ ପ୍ରସାଦ ବକ୍ସିପାତ୍ର ଏବଂ ଜୟରାମ ଜେନା ଉପସ୍ଥିତ ଥିଲେ । କଲେଜ ଅଧ୍ୟକ୍ଷ ସୂର୍ଯ୍ୟନାରାୟଣ ତ୍ରିପାଠୀଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଥିଲା ।

# କର୍ମ ନିୟୋଜନ କାର୍ଯ୍ୟାଳୟ ଘେରାଉ

ଗୁଣପୁର,୬।୧୧(ଡି.ଏନ.ଏ)

ବେକାର ଯୁବତୀଯୁବକଙ୍କ ନିଯୁକ୍ତି ମିଳୁ ନ ଥିବାରୁ ରାୟଗଡା ଜିଲା ଗୁଣପୁର ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ମଙ୍ଗଳବାର କର୍ମ ନିୟୋଜନ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା । ଗୁଣପୁର ବ୍ଲକ 'ଖ' ଜୋନ ଯୁବମୋର୍ଚ୍ଚା ସଭାପତି ସୁମନ ସାହୁକାରଙ୍କ ନେତୃତ୍ୱରେ ଦଳୀୟ ଯୁବ କର୍ମୀମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରି କର୍ମ ନିୟୋଜନ କାର୍ଯ୍ୟାଳୟଠାରେ ପହଁଞ୍ଚିଥିଲେ । ସେଠାରେ ସେମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଉକ୍ତ କାର୍ଯ୍ୟାଳୟରେ ତାଲା ପକାଇଥିଲେ । ଯୁବମୋର୍ଚ୍ଚାର ଜିଲା ସଭାପତି ନିଳାଦ୍ରି ପାତ୍ର, ନଗରସଭାପତି ବଦ୍ରି ମହାନ୍ତି, ବିଦ୍ୟାଧର ଶବର, ଉଦୟ ପାଢୀ, ଜିଲାସାଧାରଣ ସଂପାଦକ ଭାସ୍କର ପଣ୍ଡା, ଜିଲା ଉପ ସଭାପତି ପ୍ରେମପ୍ରସାଦ ପଣ୍ଡା , ବନ କଂସବେହେରା, ନବୀନ ପିପଲିଙ୍କ ସମେତ ବହୁ କର୍ମକର୍ତ୍ତା ଏବଂ ଯୁବ ନେତାମାନେ ଉପସ୍ଥିତ ଥିଲେ ।




କର୍ମ ନିୟୋଜନ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।



ଦୀପାବଳି ପାଇଁ ଛାତ୍ରୀଛାତ୍ରମାନେ ବିଭିନ୍ନ ବେଶରେ ସଜ୍ଜିତ ହୋଇଛନ୍ତି ।

# ଗାନ୍ଧୀ ପବ୍ଲିକ ସ୍କୁଲରେ ଦୀପାବଳି ପାଳିତ

ଗୁଣପୁର,୬।୧୧(ଡି.ଏନ.ଏ)

ଗୁଣପୁର ଗାନ୍ଧି ପବ୍ଲିକ ସ୍କୁଲରେ ଛାତ୍ରୀଛାତ୍ରମାନେ ଦିପାବଳିପାଳନ କରିଛନ୍ତି । ଏଥିସହ ବାଣ ଫୁଟାଇବା ସମୟରେ କିପରି ସତର୍କତା ଅବଲମ୍ବନ କରିବେ ସେ ନେଇ ଛାତ୍ରୀଛାତ୍ରଙ୍କୁ ସଚେତନତା କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ମଧ୍ୟରେ ମାଟିରେ ପ୍ରସ୍ତୁତ ଦିପାଳିକୁ ନେଇ ପ୍ରତିଯୋଗିତା ହୋଇଥିଲା। ସେହିପରି କୁନି କୁନି ପିଲାମାନଙ୍କ ଦ୍ୱାରା ରାବଣ ବଧ, ଶ୍ରୀରାମଙ୍କ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ଉପସ୍ଥାପନା କରାଯାଇଥିଲା। ସ୍କୁଲର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ପଣ୍ଡା, ଟାଉନ କ୍ୟାସର ମୁଖ୍ୟ ମହେଶ୍ୱତା ନାୟକଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚଳନାରେ ସହଯୋଗ କରିଥିଲେ ।

# ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକିଲା ମଞ୍ଚ

ରାୟଗଡା ଅଫିସ୍, ୬।୧୧

**ସୁରଭି କାର୍ଯ୍ୟକ୍ରମ**




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ରାୟଗଡା ଜିଲା ସର୍ବଶିକ୍ଷା ଅଭିଯାନ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବରେ ରାୟଗଡା ସମନ୍ୱିତ ଆଦିବାସୀ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଟୁକୁ ବାରିକ ମୁଖ୍ୟ ଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲା ମଙ୍ଗଳ ଅଧିକାରୀ ନନ୍ଦଲାଲ ବିଶ୍ୱାଳ, ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବାରିହା, ୟୁନିସେଫ୍‌ର ଜିଲା ସଂଯୋଜକ ପ୍ରକାଶ କୁମାର ବାରିକ, ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାତୀ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ । ଜିଲା ପ୍ରକଳ୍ପ ସଂଯୋଜିକା ଆନେନ୍ସେଶିଆ କେରକେଟା ଏଥିରେ ସଭାପତିତ୍ୱ କରିଥିଲେ । ପୂର୍ବରୁ ବ୍ଲକ୍‌ସ୍ତରରେ ଅନୁଷ୍ଠିତ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀ ଏଥିରେ ଭାଗ ନେଇଥିଲେ । କନିଷ୍ଠ ଓ ବରିଷ୍ଠବର୍ଗରେ ବକ୍ତୃତା, ରଚନା, କୁଟପ୍ରଶ୍ନ, ଚିତ୍ରାଙ୍କନ, ସୃଜନାତ୍ମକ ଲିଖନ, ତର୍କ, ସଙ୍ଗୀତ, ଶ୍ରୁତିଲିଖନ ଓ ସୁନ୍ଦର ହସ୍ତାକ୍ଷର, କଳା ଓ ହସ୍ତକୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ନିମନ୍ତେ ଚିତ୍ରାଙ୍କନ, ସଙ୍ଗୀତ ତଥା କଳା ଓ ହସ୍ତକୃତି କ୍ଷେତ୍ରରେ ସ୍ୱତନ୍ତ୍ର ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା । ଏଥିରେ ପ୍ରତି ବ୍ଲକ୍‌ରୁ ୨୩ଜଣ ଲେଖାଏ ପ୍ରତିଯୋଗୀ ନିମନ୍ତ୍ରିତ ହୋଇଥିବାସ୍ଥଳେ ମୋଟ ୨୪୩ଜଣ ପ୍ରତିଯୋଗୀ ଜିଲାସ୍ତରରେ ଅଂଶ ଗ୍ରହଣ କରିଥିଲେ । କୃତୀ ପ୍ରତିଭାଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା । ବିଭିନ୍ନ ବ୍ଲକ୍‌ରୁ ଆସିଥିବା ଛାତ୍ରୀଛାତ୍ରଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମରେ ସୁରଭି ମଞ୍ଚ ଦୁଲୁକି ଉଠିଥିଲା । ଜିଲାସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଭାଗ ନେବେ ବୋଲି ଜିଲା ପ୍ରକଳ୍ପ ସଂଯୋଜିକା ଆନେନ୍ସେଶିଆ କେରକେଟା କହିଛନ୍ତି । ଜିଲା ସଂଯୋଜକ ଜ୍ଞାନ ରଞ୍ଜନ ସାହୁ, ପ୍ରଦୀପ କୁମାର ସାହୁ ଓ ସୁରେନ୍ଦ୍ର ସାଠୁଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସମସ୍ତ ବ୍ଲକର ଶିକ୍ଷାଧିକାରୀ, ଅତିରିକ୍ତ ଶିକ୍ଷାଧିକାରୀ, ସିଆର୍‌ସିସି, ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ସଂକ୍ଷେପରେ

### ଏଲ୍‌ପିଜି ଗ୍ୟାସ୍ ବିତରଣ



ଡାବୁଗାଁ, ୬ା୧୧(ଡି.ଏନ.ଏ.)- ନବରଙ୍ଗପୁର ଜିଲା ଡାବୁଗାଁ ବନାଞ୍ଚଳର ମଇଦଲପୁର ସେକସନ ଅଧୀନ ଗାଦବାକାତରା ଗ୍ରାମରେ ନବରଙ୍ଗପୁର ବନଖଣ୍ଡ ତରଫରୁ ଆମ ଜଙ୍ଗଲ ଯୋଜନା ମାଧ୍ୟମରେ ଏଲପିଜି ଗ୍ୟାସ ବିତରଣ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆଉଁଳି ବନ ସୁରକ୍ଷା ସମିତିର ହିତାଧିକାରୀ ମାନଙ୍କୁ ଗ୍ୟାସ ବଣ୍ଟନ କରାଯାଇଥିଲା । ଏଠାରେ ଗାଦବାକାତରା ଗ୍ରାମର ମୋଟ ୮୨ ଜଣ ହିତାଧିକାରୀଙ୍କୁ ଏଲପିଜି ଗ୍ୟାସ ବଣ୍ଟନ କରାଯାଇଛି । ଏଥିରେ ମଇଦଲପୁର ବନପାଳ ଉମାକାନ୍ତ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ହିତାଧିକାରୀ ମାନଙ୍କୁ ଗ୍ୟାସ ବଣ୍ଟନ କରିଥିଲେ । ବନରକ୍ଷୀ ଉମାକାନ୍ତ ସାହୁ, ସରପଞ୍ଚ ମୂଳାବତୀ ମୁଦୁଲି, ସହଦେବ ମୁଦୁଲି, ସହଦେବ ହରିଜନ, ଘାସିରାମ ନାୟକ , ୱାର୍ଡ ସଭ୍ୟ, ଅଙ୍ଗନୱାଡି କର୍ମୀ, ଆଶା କର୍ମୀ ଓ ଗ୍ରାମବାସୀ ମାନେ ଯୋଗ ଦେଇ ଥିଲେ । ଏହି କାର୍ଯ୍ୟକ୍ରମକୁ ଆମ ଜଙ୍ଗଲ ଯୋଜନା କର୍ମଚାରୀ କୃପାଦାସ ମହୁରିଆ ଓ ହରିହର ନାୟକ ପରିଚାଳନା କରିଥିଲେ।

### ବିଭିନ୍ନ ଜେଲ୍‌ରେ କ୍ୟାମ୍ପ କୋର୍ଟ

ପାରଳାଖେମୁଣ୍ଡି, ୬ା୧୧(ସ୍ୱ.ପ୍ର.)- ଗଜପତି ଜିଲା କୋର୍ଟ ଓ ଆଇନସେବା ପ୍ରାଧିକରଣ ପକ୍ଷରୁ ପାରଳାଖେମୁଣ୍ଡି, ଆର. ଉଦୟଗିରି ଓ ମୋହନା କୋର୍ଟରେ କ୍ୟାମ୍ପ କୋର୍ଟ ଆୟୋଜିତ ହୋଇଯାଇଛି । ଏହା ମାଧ୍ୟମରେ ପାରଳାଖେମୁଣ୍ଡି ଉପକାରାଗାରର ୪ଜଣ ବିଚାରାଧୀନ ବନ୍ଦୀ ଓ ଉଦୟଗିରି ଜେଲ୍‌ର ୨ଜଣଙ୍କୁ ଜାମିନରେ ଛଡାଯାଇଛି । କ୍ୟାମ୍ପ କୋର୍ଟରେ ଜିଲା ଓ ଦୌରାଜଜ୍ ଦୁର୍ଗାଶଙ୍କର ମିଶ୍ର, ଅତିରିକ୍ତ ଜିଲା ଦୌରାଜଜ୍ ଅରୁଣ କୁମାର ସାହୁ, ମୁଖ୍ୟ ବିଚାର ବିଭାଗୀୟ ଅଧିକାରୀ ରାଜେଶ ଦାସ, ପ୍ରାଧିକରଣ ସମ୍ପାଦିକା ଦୀପା ଦାସ, ଉପଖଣ୍ଡୀୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ମଳୟ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଉଦୟଗିରି ଜେଲ୍‌ରେ ସହକାରୀ ଦୌରାଜଜ୍ ଏମ୍.ଈଶ୍ୱର ରାଓ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଧିକାରୀ ନେହା ଦାସ ଓ ମୋହନା ବିଚାର ବିଭାଗୀୟ ଅଧିକାରୀ ମାନସ କୁମାର ପଣ୍ଡା ନିଜ କାର୍ଯ୍ୟ ପରିଚାଳନା କରିଥିଲେ । ଉପକାରାଗାର ଅଧୀକ୍ଷକ ରବୀନ୍ଦ୍ରନାଥ ରାଉଳ, ଉପଅଧୀକ୍ଷକ ବିକାଶ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### କନ୍‌ଫରେନ୍ସ ରୁମ୍ ଲୋକାର୍ପିତ

କାଶୀନଗର, ୬ା୧୧(ଡି.ଏନ.ଏ.)- କାଶୀନଗରରେ ଏକ କନ୍‌ଫରେନ୍ସ ରୁମ୍‌କୁ ସୋମବାର ଭିଡିଓ କନଫରେନ୍ସିଂ ମାଧ୍ୟମରେ ଲୋକାର୍ପିତ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ତେବେ ମୁଖ୍ୟମନ୍ତ୍ରୀଙ୍କ ଭିଡିଓ କନଫରେନ୍ସିଂ ନ ହୋଇପାରିବାରୁ ଛାତ୍ରୀଛାତ୍ର ଓ ଅଭିଭାବକମାନେ ନିରାଶ ହୋଇଥିଲେ। ସେମାନେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ଶୁଣି ନ ପାରି ମନଦୁଃଖରେ ଘରକୁ ଫେରିଥିଲେ। ଏଥିଯୋଗୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା।

■ ପଞ୍ଚାୟତ ସମିତି ବୈଠକ

# ଆଲୋଚନା ଅନୁଯାୟୀ କାମ ହେଉନି

ତେନ୍ତୁଳିଖୁଣ୍ଟି,୬ା୧୧(ଡି.ଏନ.ଏ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା ଦେବକୀ ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ କୃତୀବାସ ଭତ୍ରା ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ବିଡିଓ ଅକ୍ଷମିତା କାର୍ତ୍ତିକ ବୈଠକ ପରିଚାଳନା କରିଥିଲେ। ବିଧାୟକ ପ୍ରତିନିଧି ଭାବେ ସୁବାସ ଦାସ, ଏମପି ପ୍ରତିନିଧି ପ୍ରଫୁଲ୍ଲ ନାଗ ମଞ୍ଚାସୀନ ଥିଲେ। ବୈଠକର ଆଲୋଚନା ଅନୁସାରେ କୌଣସି କାର୍ଯ୍ୟ ହେଉ ନାହିଁ ବୋଲି ବ୍ଲକ ଉପାଧ୍ୟକ୍ଷ ତନୟ ସାଗର ନାୟକ କହିଥିଲେ। ବୈଠକର ଆଲୋଚନା ଅନୁସାରେ ପଦକ୍ଷେପ ନିଆ ନ ଗଲେ ଆଗାମୀ ବୈଠକ ବର୍ଜନ କରିବୁ ବୋଲି ଜିଲା ସରପଞ୍ଚ ସଂଘ ସଭାପତି



ବୈଠକରେ ବ୍ଲକ ଅଧ୍ୟକ୍ଷା, ବିଡିଓଙ୍କ ସହ ଅନ୍ୟମାନେ।

ସୂର୍ଯ୍ୟ ରନ୍ଧାରୀ କହିଥିଲେ। ସ୍ୱାସ୍ଥ୍ୟ ବିଭାଗ ଆଲୋଚନା ବେଳେ ସ୍ୱାସ୍ଥ୍ୟ ଅଧିକାରୀଙ୍କ ବଦଳରେ ସ୍ୱାସ୍ଥ୍ୟ ସୁପରଭାଇଜର ପ୍ରଦୀପ ଦାଶ ଉପସ୍ଥିତ ଥିଲେ। ଏହାକୁ ନେଇ ବିଡିଓ ପ୍ରତିକ୍ରିୟା ରଖିବା ସହ ୩ ମାସକୁ ଥରେ ହେଉଥିବା ବୈଠକରେ ସ୍ୱାସ୍ଥ୍ୟବିଭାଗ ଅଧିକାରୀ ଯୋଗ ଦେବାକୁ ବାଧ ବୋଲି କହିଥିଲେ। ଶିକ୍ଷା ବିଭାଗ ସମ୍ପର୍କରେ ଆଲୋଚନାରେ ଏବିଇଓ ମନୋରଞ୍ଜନ ବେହେରା ଯୋଗ ଦେଇ ୫ଟି ହାଇସ୍କୁଲରେ ପ୍ରାଥମିକ ବିଦ୍ୟାଳୟ ମିଶ୍ରଣ ହୋଇଥିବା କହିଥିଲେ। ପ୍ରତ୍ୟେକ ବିଦ୍ୟାଳୟରେ ପାଇଖାନା ପାଇଁ ବାରମ୍ବାର ଜଣାଇଲେ ମଧ୍ୟ ସମ୍ପୂର୍ଣ୍ଣ ହୋଇ ପାରି ନଥିବା ତଥ୍ୟ ରଖିଥିଲେ। ପାନୀୟ ଜଳ ଯୋଗାଣ ପ୍ରକଳ୍ପ ପାଇଁ ପ୍ରତ୍ୟେକ କେନ୍ଦ୍ରରେ କମିଟି ଗଠନ ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ବିଡିଓ ନିର୍ଦ୍ଦେଶ ଦେଇଥିଲେ। ହିରୁଗୁଡା, ଗୌଡ ଦେଓପାଲି, ଶିରାଗୁଡା ଅଙ୍ଗନୱାଡି କର୍ମୀଙ୍କ ଦୀର୍ଘ ଦିନ ଅନୁପସ୍ଥିତ ସତ୍ତ୍ୱେ କାହିଁକି କାର୍ଯ୍ୟାନୁଷ୍ଠାନ ହେଉନି ବୋଲି ପ୍ରଶ୍ନ ପଚରାଯାଇଥିଲା। ଏ ସମ୍ପର୍କରେ ଉପଜିଲାପାଳଙ୍କୁ ରିପୋର୍ଟ ଦେଇଛୁ ବୋଲି ସୁପରଭାଇଜର କହିଥିଲେ। ଓଲମା ବ୍ରିଜ କାମ ଆରମ୍ଭ ପାଇଁ ପ୍ରକ୍ରିୟା ହୋଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ଅକ୍ଷୟ କୁମାର ଜେନା କହିଥିଲେ। ରାଜସ୍ୱ, କୃଷି ବିଭାଗ ମିଳିତ ଭାବେ କ୍ରପ କଟିଂ ରିପୋର୍ଟ ତଦନ୍ତ କରୁଛି ଖୁବ ଶୀଘ୍ର ରିପୋର୍ଟ ଦିଆଯିବ ବୋଲି କୃଷି ବିଭାଗର ଅମିତ କୁମାର ମଲିକ କହିଥିଲେ। ସାଉଥକୋର ସୌଭାଗ୍ୟ ଯୋଜନା ସୁବିଧା ସମ୍ପର୍କରେ ଦିନେଶ ଷଡଙ୍ଗୀ ଉତ୍ତର ରଖିଥିଲେ। ବିଦ୍ୟୁତ ସଂଯୋଗ ବେଳେ ୨୦୦ରୁ ୫୦୦ ପର୍ଯ୍ୟନ୍ତ ଲାଞ୍ଚ କାରବାର ହେଉଥିବା ବିଜୟ ଝୋଡିଆ ଅଭିଯୋଗ କରିଥିଲେ । କାଦମାଳୀରେ ବିଦ୍ୟୁତ ନଥିବା ନେଇ ଅଭିଯୋଗ ହୋଇଥିଲା। ଜିଲା ପରିଷଦ ସଭ୍ୟ ସୁଲୋଚନା ସୌର, ସରପଞ୍ଚ, ସମିତି ସଭ୍ୟ ବୈଠକରେ ଉପସ୍ଥିତ ଥିଲେ।

# ମଣ୍ଡେଇ ପାଇଁ ବୈଠକ



ବୈଠକରେ ଜିଲାପାଳଙ୍କ ସହ ଅନ୍ୟମାନେ।

■ ପାପଡାହାଣ୍ଡି ବସଷ୍ଟାଣ୍ଡରୁ ଶୋଭାଯାତ୍ରା ବାହାରି ନୀଳକଣ୍ଠେଶ୍ୱର ମନ୍ଦିରରେ ପହଞ୍ଚିବ
■ ମଶାଲ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିବ
■ ଭୈରବ ମନ୍ଦିର ପଛପାର୍ଶ୍ୱ ରାବଣ ପୋଡି ପଡିଆରେ ହେବ ସଭା

ପାପଡାହାଣ୍ଡି, ୬ା୧୧(ଡି.ଏନ.ଏ.)

ନବରଙ୍ଗପୁର ଜିଲାର ଲୋକପର୍ବ ମଣ୍ଡେଇ ଆସନ୍ତା ୧୮ତାରିଖରୁ ପାପଡାହାଣ୍ଡିର ଐତିହାସିକ ଶୈବପୀଠ ନୀଳକଣ୍ଠେଶ୍ୱର ମନ୍ଦିରଠାରୁ ଆରମ୍ଭ ହେବାକୁ ଯାଉଛି । ଏ ନେଇ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ପାପଡାହାଣ୍ଡିସ୍ଥିତ ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଛି। ଜିଲାପାଳ ଅଜିତ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଜିଲା ଆଦିବାସୀ ବିକାଶ ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ଏମପି ପ୍ରତିନିଧି ସ୍ୱାଧୀନ ପଟ୍ଟନାୟକ, ଜିଲା ପରିଷଦ ଅଧ୍ୟକ୍ଷା ଭଗବତୀ ଭତ୍ରା, ବ୍ଲକ ଅଧ୍ୟକ୍ଷା ସେବତୀ ସାନ୍ତା, ଉପାଧ୍ୟକ୍ଷ ତ୍ରିନାଥ ପ୍ରଧାନ, ତହସିଲଦାର ପ୍ରେମଲାଲ ହିଆଲ, ପିଡି ରମାକାନ୍ତ ନାୟକ, ବିଡିଓ ରଶ୍ମିତା ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ବୈଠକରେ ପ୍ରଥମେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୋମନାଥ ବିଶୋୟୀ ମଣ୍ଡେଇକୁ ନେଇ ଅଭିଭାଷଣ ଦେଇଥିଲେ। ଲୁକାୟିତ ପ୍ରତିଭାକୁ ଉଜ୍ଜିବୀତ କରିବା ଲାଗି ସମସ୍ତଙ୍କ ପ୍ରୟାସ ଏକାନ୍ତ କାମ୍ୟ ବୋଲି କହିଥିଲେ। ଡିଆଇପିଆରଓ ହଳଧର ନିଆଲ ମଣ୍ଡେଇ ଲାଗି ଚଳିତବର୍ଷ ୧୬ଟି କମିଟି ଗଠନ କରାଯାଇଥିବା ଓ ଖର୍ଚ୍ଚ ଖସଡା ଉପସ୍ଥାପନା କରିଥିଲେ। ବିଏସଏସଓ ନଗେନ୍ଦ୍ର ପଟ୍ଟନାୟକ ମଣ୍ଡେଇ ବ୍ଲକ ତରଫରୁ କରାଯାଇଥିବା ସ୍ଥାନ, ସାଂସ୍କୃତିକ କାର୍ଯ୍ୟକ୍ରମ, ବ୍ଲକ କମିଟିର ସଦସ୍ୟମାନଙ୍କ ତାଲିକା କଥା ଜିଲାପାଳଙ୍କୁ ଜଣାଇଥିଲେ। ବୈଠକରେ ମଣ୍ଡେଇ ଲାଗି ସ୍ୱହସ୍ତରେ କିଛି ବଦାନ୍ୟ ବ୍ୟକ୍ତି ଅର୍ଥ ରାଶି ପ୍ରଦାନ କରିଥିଲେ। ବସଷ୍ଟାଣ୍ଡ ବ୍ଲକ କାର୍ଯ୍ୟାଳୟରୁ ଶୋଭାଯାତ୍ରା ବାହାରି ନୀଳକଣ୍ଠେଶ୍ୱର ମନ୍ଦିରରେ ପହଞ୍ଚିବ । ସେଠାରୁ ମଶାଲ ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା କରି ଭୈରବ ମନ୍ଦିର ପଛପାର୍ଶ୍ୱ ରାବଣ ପୋଡି ପଡିଆକୁ ଯିବ। ସେଠାରେ ସଭା ଅନୁଷ୍ଠିତ ହେବ। ନାଚଗୀତର କାର୍ଯ୍ୟକ୍ରମ କରାଯିବ । ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି ସହ ବହୁ ଅଧିକାରୀମାନେ ଏହି ଯାତ୍ରାରେ ସାମିଲ ହେବେ । ବୈଠକ ଶେଷରେ ଏବିଡିଓ ବିଏନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ବ୍ଲକର ସମସ୍ତ ସରପଞ୍ଚ, ସମିତି ସଭ୍ୟ, ବୁଦ୍ଧିଜୀବୀମାନେ ଯୋଗ ଦେଇଥିଲେ। ଡିସେମ୍ବର ୭ରୁ ୯ତାରିଖ ପର୍ଯ୍ୟନ୍ତ ନବରଙ୍ଗପୁରଠାରେ ଜିଲାସ୍ତରୀୟ ମଣ୍ଡେଇ ପାଳନ କରାଯିବ ।

# ଜିଲାସ୍ତରୀୟ ଶିଶୁ ମହୋତ୍ସବ ମହକ




ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି ।

ନବରଙ୍ଗପୁର,୬ା୧୧(ବି.ପ୍ର)

ନବରଙ୍ଗପୁର ଜିଲାସ୍ତରୀୟ ଶିଶୁ ମହୋତ୍ସବ ମହକ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ଅନୁଷ୍ଠିତ ଉଦଘାଟନ କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷ ଭଗବତୀ ଭତ୍ରା, ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ବିଜୟ କୁମାର ଚୌଧୁରୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ କୁମାର ପଟ୍ଟନାୟକ, ଶିଶୁ ମଙ୍ଗଳ କମିଟି ସଭ୍ୟ ଲଳିତ ମୋହନ ପଟ୍ଟନାୟକ, ଜୁଭେନାଇଲ ଜଷ୍ଟିସ ବୋର୍ଡ ସଭ୍ୟ ସିଦ୍ଧାର୍ଥ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପାଳ ଡଃ ଅଜିତ କୁମାର ମିଶ୍ର ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଉଭୟ କନିଷ୍ଠ, ବରିଷ୍ଠ ବର୍ଗରେ ବକ୍ତୃତା, ରଚନା, ଚିତ୍ରାଙ୍କନ, ସଙ୍ଗୀତ, ଚେସ ଓ ଦଳଗତ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ରଚନା ପ୍ରତିଯୋଗିତାରେ ବରିଷ୍ଠରେ ମରନାଥ ଟାକ୍ରି ଓ କନିଷ୍ଠରେ କୈଳାଶ ଗୌଡ, ବକ୍ତୃତାର ବରିଷ୍ଠରେ ରାଜେନ୍ଦ୍ର ଜାନୀ ଓ କନିଷ୍ଠରେ ମହେନ୍ଦ୍ର ହରିଜନ, ଦଳଗତ ନୃତ୍ୟରେ ଉତ୍କଳ ବାଳାଶ୍ରମ, ସଙ୍ଗୀତ ପ୍ରତିଯୋଗିତାରେ ବରିଷ୍ଠରେ କଳ୍ପନା ମଣ୍ଡାଙ୍ଗି, କନିଷ୍ଠ ବର୍ଗରେ ଷ୍ଟିଫେନ ହରିଜନ, ଚେସର ବରିଷ୍ଠରେ ରାଜୁ ଜାନୀ, କନିଷ୍ଠରେ ସହଦେବ ଗୌଡ, ଚିତ୍ରାଙ୍କନରେ ବରିଷ୍ଠରେ କିରଣ ମହାନନ୍ଦିଆ, କନିଷ୍ଠରେ କୈଳାଶ ଅମାନତ୍ୟ ପ୍ରମୁଖ ପ୍ରଥମ ହୋଇଥିଲେ। କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଜିଲାର ୧୧ଟି ଶିଶୁ ଯତ୍ନ ସୁରକ୍ଷା କେନ୍ଦ୍ରର ଅନ୍ତେବାସୀ ଏହି ଉତ୍ସବରେ ଯୋଗ ଦେଇ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ବିଚାରକ ଭାବେ ବିଜୟ କୁମାର ଚୌଧୁରୀ, ଲଳିତ ମୋହନ ପଟ୍ଟନାୟକ, ମନୋରମା ମାଝି, ମନୋଜ ପଟ୍ଟନାୟକ, ପର୍ଶୁରାମ ସାହୁ ଯୋଗ ଦେଇଥିଲେ। ଅତିରିକ୍ତ ଜିଲା ଦୌରାଜଜ ବେଣୁଧର ପାତ୍ର, ଜିଲା ଆଇନ ସେବା ପ୍ରାଧିକରଣ କମିଟିର ସମ୍ପାଦକ ପ୍ରସନ୍ନ କୁମାର ବେହେରା, ସୁରେଶ କୁମାର ପଟ୍ଟନାୟକ, ବିଜୟ କୁମାର ଚୌଧୁରୀ, ଲଳିତ ମୋହନ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ଏହି ପ୍ରତିଯୋଗିତା ଓ ଉତ୍ସବ ମାଧ୍ୟମରେ ଅବହେଳିତ ଶିଶୁମାନଙ୍କ ପ୍ରତିଭାର ବିକାଶ ରାଜ୍ୟ ଓ ଜାତୀୟ ସ୍ତରରେ ହୋଇପାରିବ। ଏହି କାର୍ଯ୍ୟକ୍ରମକୁ ଶିଶୁ ସୁରକ୍ଷା କାର୍ଯ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ରହି ପରିଚାଳନା କରିଥିଲେ।

# ୧୪ରେ ରାଜ୍ୟପାଳଙ୍କ ନବରଙ୍ଗପୁର ଗସ୍ତ

ପାପଡାହାଣ୍ଡି, ୬ା୧୧(ଡି.ଏନ.ଏ.)

ରାଜ୍ୟପାଳ ଆସନ୍ତା ୧୪ତାରିଖରେ ନବରଙ୍ଗପୁର ଜିଲା ଗସ୍ତ କରିବେ । ଜିଲାର ବିଭିନ୍ନ ସ୍ଥାନ ପରିଦର୍ଶନ କରିବେ । ପାପଡାହାଣ୍ଡି ବ୍ଲକ ଗସ୍ତ କରି ମୃଗବିହାର, ଶହିଦ ମିନାର, ମାଝିଗୁଡା ଗ୍ରାମ, ଦଳେଇଗୁଡା ସରକାରୀ ଏସଏସଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ପ୍ରଧାନୀଗୁଡା ମୃତ୍ତିକା ସଂରକ୍ଷଣ ବଗିଚା ବୁଲିବେ । ସେଥିପାଇଁ ଜିଲାପାଳ ଅଜିତ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଛି । ପ୍ରଥମେ ପାପଡାହାଣ୍ଡି ମୃଗବିହାର ଓ ପରେ ଶହିଦ ମିନାର ଯାଇ ଏହାର ପରିସରକୁ ପରିଷ୍କାର ପରିଚ୍ଛନ୍ନ କରିବା ଲାଗି କହିଥିଲେ। ସେଠାରୁ ମାଝିଗୁଡା ଗ୍ରାମ ଯାଇ ମହିଳାମାନଙ୍କ ସହ ଆଲୋଚନା କରିବା ସହ ସେଠାରେ ଥିବା ପୋଖରୀରେ ମାଛଚାଷ ନେଇ ଆଲୋଚନା କରିଥିଲେ । ଦଳେଇଗୁଡା ସରକାରୀ ଏସଏସଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଯାଇ ଛାତ୍ରୀମାନଙ୍କ ସିଲେଇ କାର୍ଯ୍ୟକ୍ରମ ଓ ହଷ୍ଟେଲ ପରିସର ବୁଲି ଦେଖିଥିଲେ। ସେଠାରୁ ପ୍ରଧାନୀଗୁଡା ମୃତ୍ତିକା ସଂରକ୍ଷଣ ବଗିଚା ଓ ପରେ ଧନସୁଲି ସେବାଶ୍ରମ ଯାଇଥିଲେ। ବିଦ୍ୟାଳୟ ପରିସରର ଛାତ୍ରୀମାନେ ବହୁ ଅସୁବିଧାରେ ରହୁଥିବା ଦେଖି ବିରକ୍ତି ପ୍ରକାଶ କରିଥିଲେ । ପରେ ବ୍ଲକ କାର୍ଯ୍ୟାଳୟ ପହଞ୍ଚି ସେଠାରେ ବୈଠକ ଲାଗି ଷ୍ଟେଜ କରିବା ପାଇଁ କହିବା ସହ ସମସ୍ତ ବିଭାଗର ଅଧିକାରୀମାନେ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଥିଲେ । ଏହି ଗସ୍ତ ସମୟରେ ଡିଆରଡିଏ, ବିଦ୍ୟୁତ, ଆରଏଣ୍ଡବି, ଆଇଟିଡିଏ ସହ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଗୀତା ଆବୃତ୍ତି ପ୍ରତିଯୋଗିତା




କୃତୀ ପ୍ରତିଯୋଗୀଙ୍କ ସହ ଉପସ୍ଥିତ ଅତିଥିମାନେ।

ନବରଙ୍ଗପୁର,୬ା୧୧( ବି.ପ୍ର.)

ନବରଙ୍ଗପୁର ମେଦିରିସାହି ସ୍ଥିତ ସରସ୍ୱତୀ ଶିଶୁ ଜ୍ଞାନ ମନ୍ଦିର ଠାରେ ପୁରୀର ପ୍ରଜ୍ଞାନ ମିଶନ ପକ୍ଷରୁ ଏକ ଗୀତା ଆବୃତ୍ତି ପ୍ରତିଯୋଗୀତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ଜଗନ୍ନାଥ ମହାପାତ୍ର ଯୋଗ ଦେଇ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ଶିକ୍ଷକ ନରସିଂହ ତ୍ରିପାଠୀ ଯୋଗ ଦେଇଥିଲେ । ଜିଲାର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ୫୦ ଛାତ୍ରୀଛାତ୍ର ଏହି ପ୍ରତିଯୋଗୀତାରେ ଭାଗ ନେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ମୁଖ୍ୟ ଅତିଥି ଭାବେ ପୁରୀର ସ୍ୱାମୀ ଅନିର୍ବାଣ ନନ୍ଦ , ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ନାୟକ ଯୋଗ ଦେଇ ଥିଲେ । କାର୍ଯ୍ୟକ୍ରମରେ ଗୁରୁଜୀ ରବି ସାହୁ ଅତିଥି ପରିଚୟ ଦେଇଥିଲେ । ପ୍ରେମଚାନ୍ଦ ପଟ୍ଟନାୟକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ । ବିଭୁ ବ୍ରହ୍ମା ଧନ୍ୟବାଦ ଅର୍ପଣ କରିଥିଲେ । ଅତିଥି ମାନେ ଗୀତା ପାଠର ଉପାଦେୟତା ଓ ମହାନତା ଉପରେ ତଥ୍ୟ ଉପସ୍ଥାପନ କରିଥିଲେ । ବିଚାରକ ଭାବେ ଅନ୍ତର୍ଯ୍ୟାମୀ ସାହୁ, ଡଃ. ମଧୁସୁଦନ ସାହୁ, ଡଃ. ପ୍ରକାଶ ଚନ୍ଦ୍ର ମିଶ୍ର, ଅଶୋକ ତ୍ରିପାଠୀ, ପଞ୍ଚାନନ ତ୍ରିପାଠୀ, ପ୍ରଭାକର ସାହୁ, ଡଃ. ନଳକଣ୍ଠ ପାଠୀ, ପଞ୍ଚାନନ କହଁର କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଅଖିଳ କୁମାର ଭଞ୍ଜ, ମନୋଜ ମହାରଣା, ଚନ୍ଦ୍ର ପ୍ରଭା ପୂଜାରୀ, ବିନୟ କୁମାର କର, ସରସ୍ୱତୀ ଶିଶୁ ଜ୍ଞାନ ମନ୍ଦିରର ଗୁରୁମା, ଗୁରୁଜୀ ମାନେ ଉପସ୍ଥିତ ଥିଲେ ।

# ଦୀପାବଳି ପାଇଁ ବାଣ ଦୋକାନରେ ଭିଡ

ଡାବୁଗାଁ, ୬ା୧୧ (ଡି.ଏନ.ଏ.)– ଦୀପାବଳି ପର୍ବ ପାଳନ ପାଇଁ ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମାସ୍ଥିତ ବାଣ ଦୋକାନ ଗୁଡିକରେ ମଙ୍ଗଳବାର ଗ୍ରାହକ ମାନଙ୍କ ଭିଡ ଦେଖିବାକୁ ମିଳିଥିଲା । ଡାବୁଗାଁ ଭୈରବ ମନ୍ଦିର ସମ୍ମୁଖରେ ଥିବା ପଡିଆରେ ସୁରକ୍ଷା ଦୃଷ୍ଟିରୁ ବାଣ ଦୋକାନ ଗୁଡିକ ଖୋଲା ଯାଇଛି । ଏଠାରେ ୫ ଟି ଦୋକାନ ଖୋଲାଯାଇଛି । ପ୍ରଶାସନ ପକ୍ଷରୁ ଏହି ଦୋକାନକୁ ଲାଇସେନ୍ସ ପ୍ରଦାନ କରାଯାଇଛି । କମ ସଂଖ୍ୟାର ଦୋକାନ ଥିବାରୁ ଗ୍ରାହକମାନଙ୍କ ଭିଡ ଦେଖିବାକୁ ମିଳିଛି ।




ଗ୍ରାହକମାନେ ଦୋକାନରୁ ବାଣ କିଣୁଛନ୍ତି।

# ଜିଲାସ୍ତରୀୟ କଳା ଉତ୍ସବ

ନବରଙ୍ଗପୁର,୬ା୧୧(ବି.ପ୍ର.)

ସ୍ଥାନୀୟ ଆରସିଡି ହାଇସ୍କୁଲ ଠାରେ ଜିଲା ସ୍ତରୀୟ କଳା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ କଳାକାର ଭିତିରିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ । ଶିକ୍ଷକ ସରୋଜ କୁମାର ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଜିଲା ବିଜ୍ଞାନ ସୁପରଭାଇଜର ଅକ୍ଷୟ କୁମାର ସ୍ୱାଇଁ ଅତିଥି ପରିଚୟ ଦେବା ସହ କାର୍ଯ୍ୟକ୍ରମରେ ଭାଗ ନେଇଥିବା ଛାତ୍ରୀଛାତ୍ରଙ୍କୁ ଏହାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ହାଇସ୍କୁଲର ପ୍ରଧାନ ଶିକ୍ଷକ ଅସିମ କୁମାର ବିଶ୍ୱାସ ଧନ୍ୟବାଦ ଅର୍ପଣ କରିଥିଲେ । ଜିଲାସ୍ତରୀୟ କଳା ଉତ୍ସବରେ ମ୍ୟୁଜିକ, ସଙ୍ଗୀତ, ବାଦ୍ୟଯନ୍ତ୍ର, ନୃତ୍ୟ ଓ ଚିତ୍ରାଙ୍କନ ପ୍ରତିଯୋଗୀତା ହୋଇଥିଲା । ସଙ୍ଗୀତରେ ଉମରକୋଟ ଓଡିଶା ଆଦର୍ଶ ବିଦ୍ୟାଳୟର ଦିପଶିକା ଟାଲି ପ୍ରଥମ ସ୍ଥାନ ପାଇଥିଲେ । ମ୍ୟୁଜିକରେ ନବରଙ୍ଗପୁରର ଜେ.ଇ.ଏଲ.ସି ହାଇସ୍କୁଲ ନିତିନ ଟାକ୍ରୀ, ନୃତ୍ୟରେ ଇପସିତା ସାହୁ, ଉମରକୋଟ ଓଡିଶା ଆଦର୍ଶ ବିଦ୍ୟାଳୟର ଜୀବନ ମାଣ୍ଡାଙ୍ଗୀ ପ୍ରଥମ ସ୍ଥାନ ପାଇଥିଲେ । ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଙ୍କ ଦ୍ୱାରା କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା । ଏଥିସହ ପ୍ରତିଯୋଗୀତାରେ ଭାଗ ନେଇଥିବା ୩୨ ଜଣ ପ୍ରତିଯୋଗୀଙ୍କ ମଧ୍ୟ ମାନପତ୍ର ଓ ଟ୍ରଫି ମଧ୍ୟ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଚାରକ ଭାବେ ଫାଲଗୁନି ପାତ୍ର, ପ୍ରେମଚାନ୍ଦ ପଟ୍ଟନାୟକ ଓ ଯୁଗଳ କିଶୋର ତ୍ରିପାଠୀ ରହିଥିଲେ ।



ଅତିଥିମାନଙ୍କ ସହ କୃତୀ ପ୍ରତିଯୋଗୀମାନେ।

■ ଅଙ୍ଗନୱାଡି କେନ୍ଦ୍ର ପାଇଁ କିଟ୍ ବଣ୍ଟନରେ ଦୁର୍ନୀତି ଅଭିଯୋଗ

# ତଦନ୍ତ ପରେ ମଧ୍ୟ ଗୁମର ଖୋଲୁନି

ରାଇଘର, ୬ା୧୧(ଡି.ଏନ.ଏ)

ନବରଙ୍ଗପୁର ଜିଲା ରାଇଘର ବ୍ଲକର ମହିଳା ଓ ଶିଶୁବିଭାଗ ଅଧୀନରେ ଥିବା ସମସ୍ତ ଅଙ୍ଗନୱାଡି କେନ୍ଦ୍ରକୁ ଖେଳନା ସାମଗ୍ରୀ (ପ୍ରିସ୍କୁଲ କିଟ୍) ବଣ୍ଟନରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଥିଲା। ପ୍ରଶାସନ ତରଫରୁ ତଦନ୍ତ କରାଯାଇଥିଲେ ମଧ୍ୟ ଏହାର ଗୁମର ଏବେ ବି ଖୋଲୁନି। କୌଣସି କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯାଇ ନାହିଁ। ରାଇଘର ବ୍ଲକରେ ୩୩୦ଟି ଅଙ୍ଗନୱାଡି କେନ୍ଦ୍ର ରହିଛି। ପ୍ରତ୍ୟେକ କେନ୍ଦ୍ର ପାଇଁ ୬୩୦୦ ଟଙ୍କାରେ ପ୍ରିସ୍କୁଲ କିଟ୍ ,ଛାତ୍ରୀଛାତ୍ରଙ୍କ ପାଇଁ ପଠନ ସାମଗ୍ରୀ କିଣିବା ପାଇଁ ନିର୍ଦ୍ଦେଶ ରହିଥିଲା। କଟକର ଏକ ସଂସ୍ଥା ଦ୍ୱାରା ଗଞ୍ଜାପାରା ଅଙ୍ଗନୱାଡି କେନ୍ଦ୍ରରେ ବ୍ଲକର ସମସ୍ତ ଅଙ୍ଗନୱାଡି କେନ୍ଦ୍ରର ଅଙ୍ଗନୱାଡି କର୍ମୀଙ୍କୁ ଏହା ବଣ୍ଟନ କରାଯାଇଥିଲା ।

ଜୁନ୍ ୨୪ ଓ ୨୫ତାରିଖରେ ସବୁ କେନ୍ଦ୍ରକୁ କିଟ୍ ବଣ୍ଟନ କରି ୬୩୦୦ଟଙ୍କା ଲେଖାଏଁ ଆଦାୟ କରାଯାଉଥିବା ନେଇ କିଛି ଅଙ୍ଗନୱାଡି କର୍ମୀ ଅଭିଯୋଗ କରିଥିଲେ । ଖବର ପାଇଁ ଜିଲା ପରିଷଦ ସଭ୍ୟା ପ୍ରିତିସ୍ନିଗ୍ଧା ମହାପାତ୍ର ଘଟଣାସ୍ଥଳରେ ପହଞ୍ଚି କିଟ୍ ସାମଗ୍ରୀ ଦେଖିବା ସହ ନିମ୍ନମାନର ବୋଲି ଅଭିଯୋଗ କରିଥିଲେ। ଏହା ପରେ ଜିଲା ମଜଦୁର ସଂଘ ସମ୍ପାଦକ ପରମେଶ୍ୱର ବିଶୋୟୀ ଜୁଲାଇ ୩ ତାରିଖରେ ଭିଜିଲାନ୍ସ ବିଭାଗ ଓ ଜିଲାପାଳଙ୍କୁ ତଦନ୍ତ ନିମନ୍ତେ ଲିଖିତ ଆକାରରେ ଜଣାଇଥିଲେ। ଜୁଲାଇ ୪ତାରିଖରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଏକ ଟିମ୍ ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରକୁ ଯାଇ ସାମଗ୍ରୀ ତଦାରଖ କରିବା ସହ ଅଙ୍ଗନୱାଡି କର୍ମୀଙ୍କୁ ପଚାରି ବୁଝିଥିଲେ । ଏହା ପରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜୁଲାଇ ୯ତାରିଖରେ ଅତିରିକ୍ତ ଜିଲାପାଳ କରୁଣାକର ରାଇକା ରାଇଘର ବ୍ଲକର ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ର ଯାଇ ଘଟଣାର ତଦନ୍ତ କରିବା ସହ ସିଡିପିଓଙ୍କ କାର୍ଯ୍ୟାଳୟ ଆସି ବିଭିନ୍ନ କାଗଜପତ୍ର ଯାଞ୍ଚ କରିଥିଲେ। ଏହି ସମୟରେ ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ଜିଲା ପରିଷଦ ସଭ୍ୟସଭ୍ୟା, ସରପଞ୍ଚ, ସମିତି ସଭ୍ୟସଭ୍ୟା, ଘଟଣା ସମ୍ପର୍କରେ ଅଭିଯୋଗ କରିବା ସହ ନିମ୍ନମାନର ସାମଗ୍ରୀ ବଣ୍ଟନ ଓ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ତେବେ ଏହି ଘଟଣାକୁ ଇତିମଧ୍ୟରେ ୬ମାସ ବିତିଯାଇଥିଲେ ମଧ୍ୟ ଦୁର୍ନୀତିର ଗୁମର ରହସ୍ୟ ଉନ୍ମୋଚନ କରିବାରେ ପ୍ରଶାସନ ବିଫଳ ହୋଇଛି । ଅନ୍ୟପକ୍ଷରେ ଏହାକୁ ନେଇ ଆନ୍ଦୋଳନ ଦାନା ବାନ୍ଧୁଛି । ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଘଟଣାର ସତ୍ୟତା ଉନ୍ମୋଚନ କରିବାକୁ ସାଧାରଣରେ ଦାବି ହେଉଛି।



ଅଙ୍ଗନୱାଡି କେନ୍ଦ୍ରକୁ ବଣ୍ଟନ କରାଯାଇଥିବା କିଟ।